# ପାରିବାରିକ ଅଦାଲତସମୂହ ଆଇନ୍, ୧୯୮୪

## (୧୯୮୪ ମସିହାର ସଂଖ୍ୟା-୬୬)

## *(୨୮.୧୨.୧୯୯୧ରେ ପ୍ରବର୍ତ୍ତିତ ୧୯୯୧ର ଆଇନ୍ ସଂଖ୍ୟା-୫୯ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ)*

**ସେପ୍‌ଟେମ୍ବର, ୧୪, ୧୯୮୪**

ବିବାହ ତଥା ପାରିବାରିକ ବ୍ୟାପାରକୁ କେନ୍ଦ୍ର କରି ଉପୁଜୁଥିବା ବିବାଦଗୁଡ଼ିକ କ୍ଷେତ୍ରରେ ଆପୋଷବୁଝାମଣା ତଥା ତ୍ୱରିତ ସମାଧାନକୁ ପ୍ରୋତ୍ସାହନ ଦେବା ସକାଶେ ପାରିବାରିକ ଅଦାଲତମାନ ସ୍ଥାପନା କରିବା ତଥା ତତ୍‌ସଂକ୍ରାନ୍ତ ବିଷୟଗୁଡ଼ିକ ପାଇଁ ପ୍ରାବ୍‌ଧାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍,

ଭାରତୀୟ ପ୍ରଜାତନ୍ତ୍ରର ପଇଁତିରିଶତମ ବର୍ଷରେ ନିମ୍ନମତେ ପ୍ରଣୟନ କରାଯାଉଛି-

### ପ୍ରଥମ ଅଧ୍ୟାୟ: ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ :-**

(୧) ଏହି ଆଇନ୍‌କୁ 'ପାରିବାରିକ ଅଦାଲତସମୂହ ଆଇନ୍, ୧୯୮୪' କୁହାଯାଇପାରେ ।

(୨) ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ଛଡ଼ା ସାରା ଭାରତ ପାଇଁ ଲାଗୁ ଅଟେ ।

(୩) କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିଥିବେ, ସେହି ତାରିଖଠାରୁ ଏହା ବଳବତ୍ତର ହେବ ଏବଂ ଏଥିପାଇଁ ଭିନ୍ନ ଭିନ୍ନ ରାଜ୍ୟମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖମାନ ଧାର୍ଯ୍ୟ ହୋଇପାରେ ।

**୨. ସଂଜ୍ଞାମାନ :-**

**ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍ ଅନୁଯାୟୀ-**

(ଏ) ଜଜ୍ ବା 'ବିଚାରପତି' ଅର୍ଥ ଯଥାସ୍ଥିତି ପାରିବାରିକ ଅଦାଲତର ମୁଖ୍ୟ,

ଅତିରିକ୍ତ ବା ଅନ୍ୟାନ୍ୟ ବିଚାରପତି;

(ବି) 'ବିଜ୍ଞପ୍ତି' ଅର୍ଥ ସରକାରୀ ଗେଜେଟ୍‌ରେ ପ୍ରକାଶିତ ଏକ ବିଜ୍ଞପ୍ତି;

(ସି) 'ବିହିତ' ଅର୍ଥ ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ଯାହାକିଛି ବିହିତ ହୋଇଥିବ;

(ଡି) 'ପାରିବାରିକ ଅଦାଲତ'ର ଅର୍ଥ ଧାରା-୩ ଅଧୀନରେ ସ୍ଥାପିତ ହୋଇଥିବା ପାରିବାରିକ ଅଦାଲତ;

(ଇ) ଅନ୍ୟାନ୍ୟ ଶବ୍ଦାବଳୀ ଓ ଉକ୍ତିମାନ, ଯାହାକି ଏହି ଆଇନ୍‌ରେ ବ୍ୟବହୃତ ହୋଇଛି ଅଥଚ ସଂଜ୍ଞାୟିତ ହୋଇପାରିନି, କିନ୍ତୁ ଦେଓ୍ୱାନି କାର୍ଯ୍ୟବିଧି ସଂହିତା ୧୯୦୮ (୧୯୦୮ର ଆଇନ୍ ସଂଖ୍ୟା ୫)ରେ ସଂଜ୍ଞାୟିତ ହୋଇଛି, ସେଗୁଡିକ ଭିତରୁ ପ୍ରତ୍ୟେକଟି ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଉଲ୍ଲିଖିତ ସଂହିତାରେ ନ୍ୟସ୍ତ କରାଯାଇଛି ।

## ଦ୍ୱିତୀୟ ଅଧ୍ୟାୟ: ପାରିବାରିକ ଅଦାଲତସମୂହ

### ୩. ପାରିବାରିକ ଅଦାଲତଗୁଡିକର ସ୍ଥାପନା:-

(୧) ଏହି ଆଇନ୍ ବଳରେ ପାରିବାରିକ ଅଦାଲତ ଉପରେ ନ୍ୟସ୍ତ କ୍ଷେତ୍ରାଧିକାର ଓ କ୍ଷମତାବଳୀର ପ୍ରୟୋଗାର୍ଥେ ରାଜ୍ୟ ସରକାର ହାଇକୋର୍ଟଙ୍କ ପରାମର୍ଶ କ୍ରମେ ତଥା ବିଜ୍ଞପ୍ତି ଜରିଆରେ -

(ଏ) ଏହି ଆଇନ୍‌ର ପ୍ରାରମ୍ଭ ହେବା ପରେ ପରେ ଯଥାଶୀଘ୍ର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ଗୋଟିଏ ନଗର ବା ସହରକୁ ନେଇ ଗଠିତ ପ୍ରତି ଅଞ୍ଚଳ ପାଇଁ ଗୋଟିଏ ଲେଖାଁ ପାରିବାରିକ ଅଦାଲତ ସ୍ଥାପନା କରିବେ;

(ବି) ନିଜେ ଆବଶ୍ୟକ ମନେ କରୁଥିବା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ପାଇଁ ମଧ୍ୟ ପାରିବାରିକ ଅଦାଲତମାନ ସ୍ଥାପନା କରି ପାରନ୍ତି ।

(୨) ଗୋଟିଏ ପାରିବାରିକ ଅଦାଲତର କ୍ଷେତ୍ରାଧିକାର କେଉଁ ଅଞ୍ଚଳର ସ୍ଥାନୀୟ ସୀମା ପାଇଁ ପ୍ରଯୁଜ୍ୟ ରହିବ, ତାହା ରାଜ୍ୟ ସରକାର ହାଇକୋର୍ଟଙ୍କ ସହ ପରାମର୍ଶ କଲା ପରେ ବିଜ୍ଞପ୍ତି ବଳରେ ବିନିର୍ଦ୍ଦିଷ୍ଟ କରିବେ ଏବଂ ଯେ କୌଣସି ସମୟରେ ଏହାକୁ ସଂପ୍ରସାରଣ, ହ୍ରାସ ବା ପରିବର୍ତ୍ତନ କରିପାରନ୍ତି ।

## ୪. ବିଚାରପତିମାନଙ୍କ ନିଯୁକ୍ତି :-

(୧) ରାଜ୍ୟସରକାର ହାଇକୋର୍ଟଙ୍କ ସହମତି କ୍ରମେ ଗୋଟିଏ ପାରିବାରିକ ଅଦାଲତ ପାଇଁ ଏକ ବା ଏକାଧିକ ବ୍ୟକ୍ତିଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେଇପାରନ୍ତି ।

(୨) ଯେଉଁସ୍ଥଳେ କୌଣସି ପାରିବାରିକ ଅଦାଲତ ଏକାଧିକ ବିଚାରପତିଙ୍କୁ ନେଇ ଗଠିତ,

(ଏ) ଏହି ଆଇନ୍ ଦ୍ୱାରା ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଦ୍ୱାରା ଅଦାଲତ ଉପରେ ନ୍ୟସ୍ତ ହୋଇଥିବା କୌଣସି ବା ସମସ୍ତ କ୍ଷମତାକୁ ପ୍ରତ୍ୟେକ ବିଚାରପତି ପ୍ରୟୋଗ କରି ପାରନ୍ତି;

(ବି) ରାଜ୍ୟସରକାର ହାଇକୋର୍ଟଙ୍କ ସହମତି କ୍ରମେ ନିଯୁକ୍ତି ପାଇଥିବା ବିଚାରପତିମାନଙ୍କ ମଧ୍ୟରୁ କୌଣସି ଜଣଙ୍କୁ ମୁଖ୍ୟ ବିଚାରପତି ଓ ଅନ୍ୟ କୌଣସି ଜଣଙ୍କୁ ଅତିରିକ୍ତ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିପାରନ୍ତି;

(ସି) ବିଭିନ୍ନ ବିଚାରପତିଙ୍କ ଭିତରେ ଅଦାଲତର କାର୍ଯ୍ୟାବଳୀର ଆବଣ୍ଟନ ପାଇଁ ମୁଖ୍ୟ ବିଚାରପତି ଯାହା ଉଚିତ୍ ମନେ କରିବେ, ତାହା ଅନୁଯାୟୀ ସେ ସମୟାନ୍ତରରେ ବ୍ୟବସ୍ଥାମାନ ଜାରିପାରନ୍ତି;

(ଡି) ମୁଖ୍ୟ ବିଚାରପତିଙ୍କ ପଦ ଖାଲି ଥିବା ବେଳେ ବା ସେ ଅସୁସ୍ଥ, ଅନୁପସ୍ଥିତ ବା ଅନ୍ୟ କୌଣସି କାରଣରୁ ନିଜ କାର୍ଯ୍ୟାବଳୀ ତୁଲାଇବାକୁ ଅକ୍ଷମ ହେଉଥିବା ବେଳେ, ତାଙ୍କ ଉପରେ ନ୍ୟସ୍ତ କ୍ଷମତାସମୂହକୁ ଅତିରିକ୍ତ ମୁଖ୍ୟ ବିଚାରପତି ପ୍ରୟୋଗ କରିପାରନ୍ତି ।

(୩) ଜଣେ ବ୍ୟକ୍ତି ବିଚାରପତି ଭାବେ ନିଯୁକ୍ତ ହେବା ସକାଶେ ଯୋଗ୍ୟ ବିବେଚିତ ହେବେନାହିଁ, ଯଦି ସେ –

(ଏ) ଭାରତର କୌଣସି ବିଚାରବିଭାଗୀୟ କାର୍ଯ୍ୟାଳୟରେ ଅଥବା ଏକ ଟ୍ରିବ୍ୟୁନାଲ୍ ସଭ୍ୟଙ୍କ କାର୍ଯ୍ୟାଳୟରେ ଅଥବା ଆଇନ୍ ସମ୍ବନ୍ଧରେ ସ୍ୱତନ୍ତ୍ର ଜ୍ଞାନ ଆବଶ୍ୟକ କରୁଥିବା କେନ୍ଦ୍ର ବା ରାଜ୍ୟର କୌଣସି କାର୍ଯ୍ୟାଳୟରେ ଅନ୍ୟୁନ ୭ ବର୍ଷ ଧରି ଏକ ପଦବୀ ଧାରଣ କରିନଥିବେ;

(ବି) କୌଣସି ଗୋଟିଏ ହାଇକୋର୍ଟରେ ବା ଅନ୍ୟ ଦୁଇଟି ବା ତତୋଧିକ ହାଇକୋର୍ଟରେ ଲଗାତାର ଭାବେ ସାତ ବର୍ଷ ଧରି ଓକିଲ ହୋଇନଥିବେ; କିମ୍ବା

(ସି) ଭାରତର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇଥିବା ଅନ୍ୟସବୁ ଯୋଗ୍ୟତାର ଅଧିକାରୀ ହୋଇନଥିବେ;

(୪) ବିଚାରପତି ଭାବେ ନିଯୁକ୍ତି ଦେବାପାଇଁ ବ୍ୟକ୍ତିମାନଙ୍କୁ ଚୟନ କଲାବେଳେ -

(ଏ) ସମସ୍ତ ଚେଷ୍ଟା କରାଯିବ ଏପରି ବ୍ୟକ୍ତିମାନଙ୍କର ଚୟନକୁ ସୁନିଶ୍ଚିତ କରିବା ପାଇଁ, ଯେଉଁମାନେ କି ବିବାହ ପ୍ରଥାକୁ ସୁରକ୍ଷିତ ଓ ସଂରକ୍ଷିତ କରି ରଖିବା ଏବଂ ଶିଶୁକଲ୍ୟାଣର ଅଗ୍ରଗତିର ପ୍ରୟୋଜନ ପ୍ରତି ଅଙ୍ଗୀକାରବଦ୍ଧ ଥିବେ ତଥା ଆପୋଷ-ମିଳାମିଶା ଏବଂ ପରାମର୍ଶ ପ୍ରଦାନ ଜରିଆରେ ବିବାଦଗୁଡିକର ମୀମାଂସା କରିବା କ୍ଷେତ୍ରରେ ଆବଶ୍ୟକୀୟ ଅଭିଜ୍ଞତା ଏବଂ ବିଶେଷ ଜ୍ଞାନ ଅର୍ଜନ କରିଥିବାର ଯୋଗ୍ୟତା ହାସଲ କରଥିବେ; ଏବଂ

(ବି) ମହିଳାମାନଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।

(୫) କୌଣସି ବ୍ୟକ୍ତିଙ୍କ ବୟସ ୬୨ ବର୍ଷ ହୋଇଗଲେ ସେ ପାରିବାରିକ ଅଦାଲତରେ ଜଣେ ବିଚାରପତି ଭାବେ ନିଯୁକ୍ତ ହୋଇ ପାରିବେନି କିମ୍ବା ସେହି ପଦବୀରେ ରହି ପାରିବେନି;

(୬) ଜଣେ ବିଚାରପତିଙ୍କ ଦ୍ୱାରା ପ୍ରାପ୍ୟ ବେତନ, ପାରିତୋଷିକ ଓ ଅନ୍ୟାନ୍ୟ ଭତ୍ତାମାନ ତଥା ତାଙ୍କର ଚାକିରୀ ସର୍ତ୍ତାବଳୀ ତାହା ହିଁ ହେବ, ଯାହା ରାଜ୍ୟ ସରକାର ହାଇକୋର୍ଟଙ୍କ ସହ ପରାମର୍ଶ କରି ବିନିର୍ଦ୍ଦିଷ୍ଟ କରିପାରନ୍ତି ।

**୫. ସମାଜ-କଲ୍ୟାଣ ସଂସ୍ଥାମାନଙ୍କ ସଂପୃକ୍ତି, ଇତ୍ୟାଦି :-**

କେଉଁ ପଦ୍ଧତିରେ ଏବଂ କି କି ଉଦ୍ଦେଶ୍ୟରେ ତଥା କେଉଁସବୁ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀର ଅଧୀନରେ ରହି ନିମ୍ନୋକ୍ତ ସଂସ୍ଥାଗୁଡିକ ଗୋଟିଏ ପାରିବାରିକ ଅଦାଲତ ସହ ସଂପୃକ୍ତ ହୋଇପାରିବେ, ସେସବୁ ବିଷୟରେ ରାଜ୍ୟ ସରକାର ହାଇକୋର୍ଟଙ୍କ ସହ ପରାମର୍ଶ କରି ନିୟମାବଳୀ ପ୍ରଣୟନ ପୂର୍ବକ ନିୟମାବଳୀରେ ପ୍ରାବ୍‌ଧାନ କରିପାରନ୍ତି-

(ଏ) ସମାଜ-କଲ୍ୟାଣରେ ନିୟୋଜିତ ପ୍ରତିଷ୍ଠାନ ବା ସଂସ୍ଥାସମୂହ, ବା ସେମାନଙ୍କର ପ୍ରତିନିଧିଗଣ ;

(ବି) ପରିବାରର-କଲ୍ୟାଣର ବିକାଶ-କାର୍ଯ୍ୟରେ ବୃତ୍ତିଗତ ଭାବେ ନିୟୋଜିତ ଥିବା ବ୍ୟକ୍ତିଗଣ;

(ସି) ସମାଜ-କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଗଣ; ଏବଂ

(ଡି) ଅନ୍ୟ କେହି ବ୍ୟକ୍ତି, ଯାହାଙ୍କ ସଂପୃକ୍ତି ଫଳରେ ଗୋଟିଏ ପାରିବାରିକ ଅଦାଲତ ଏହି ଆଇନ୍‌ର ଉଦ୍ଦେଶ୍ୟ ଅନୁଯାୟୀ ନିଜର କ୍ଷେତ୍ରାଧିକାରକୁ ଅଧିକ ଫଳପ୍ରଦ ଭାବେ ପ୍ରୟୋଗ କରିବାରେ ସକ୍ଷମ ହୋଇପାରିବେ ।

**୬. ପାରିବାରିକ ଅଦାଲତର ପରାମର୍ଶଦାତା, ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦ:**

(୧) ଗୋଟିଏ **ପାରିବାରିକ ଅଦାଲତ** ନିଜର କାର୍ଯ୍ୟାବଳୀ ସମ୍ପାଦନ କରିବା କ୍ଷେତ୍ରରେ ତାଙ୍କୁ ସହାୟତା କରିବା ପାଇଁ ଆବଶ୍ୟକ ପଡୁଥିବା **ପରାମର୍ଶଦାତା, ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ**ମାନଙ୍କର ସଂଖ୍ୟା ଏବଂ ପ୍ରକାରଭେଦ ରାଜ୍ୟ ସରକାର ହାଇକୋର୍ଟଙ୍କ ପରାମର୍ଶ କ୍ରମେ ନିର୍ଦ୍ଧାରଣ କରିବେ ତଥା ନିଜେ ଉଚିତ୍ ମନେ କରିବା ଅନୁଯାୟୀ ଗୋଟିଏ ପାରିବାରିକ ଅଦାଲତଙ୍କୁ ଏତାଦୃଶ **ପରାମର୍ଶଦାତା, ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ**ମାନଙ୍କୁ ଯୋଗାଇ ଦେବେ ।

(୨) ଉପଧାରା(୧)ରେ ସୂଚୀତ **ପରାମର୍ଶଦାତା**ଙ୍କ ସଂପୃକ୍ତି ପାଇଁ ସର୍ତ୍ତାବଳୀ ତଥା **ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ**ମାନଙ୍କର ସେବା ସର୍ତ୍ତାବଳୀ ତାହାହିଁ ହେବ, ଯାହାକି ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ ଜରିଆରେ ବିନିର୍ଦ୍ଦିଷ୍ଟ କରିପାରନ୍ତି ।

## ତୃତୀୟ ଅଧ୍ୟାୟ: କ୍ଷେତ୍ରାଧିକାର

**୭. କ୍ଷେତ୍ରାଧିକାର :-**

**(୧) ଏହି ଆଇନ୍‌ର ଅନ୍ୟାନ୍ୟ ପ୍ରାବ୍‌ଧାନଗୁଡିକୁ ସାପେକ୍ଷ କରି ଗୋଟିଏ ପାରିବାରିକ ଅଦାଲତ -**

(ଏ) ସେହି ସମସ୍ତ କ୍ଷେତ୍ରାଧିକାର ବହନ ଏବଂ ପ୍ରୟୋଗ କରିବ, ଯାହାକି ସ୍ୱଷ୍ଟୀକରଣରେ ସୂଚୀତ ହୋଇଥିବା ମାମଲା ଓ କାର୍ଯ୍ୟବିଧି ବ୍ୟାପାରରେ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍ ଅଧୀନରେ ଗୋଟିଏ ଜିଲ୍ଲା ଅଦାଲତ ବା କୌଣସି ନିମ୍ନ ଦେଓ୍ୱାନି ଅଦାଲତ ପ୍ରୟୋଗ କରିଥାନ୍ତି; ଏବଂ

(ବି) ଏତାଦୃଶ ଆଇନ୍ ଅଧୀନରେ କ୍ଷେତ୍ରାଧିକାର ପ୍ରୟୋଗ ଦୃଷ୍ଟିରୁ ସେହି ଅଞ୍ଚଳର ଜିଲ୍ଲା ଅଦାଲତ ବା ଯଥାସ୍ଥିତି ନିମ୍ନ ଦେଓ୍ୱାନି ଅଦାଲତ ବୋଲି ବିବେଚିତ ହେବ, ଯାହା ଉପରେ ପାରିବାରିକ ଅଦାଲତର କ୍ଷେତ୍ରାଧିକାର ପ୍ରଯୁଜ୍ୟ ।

ସ୍ୱଷ୍ଟୀକରଣ: ଏହି ଉପଧାରାରେ ସୂଚୀତ ମାମଲା ଓ କାର୍ଯ୍ୟବିଧିଗୁଡିକ ନିମ୍ନୋକ୍ତ ପ୍ରକାରର, ଯଥା -

(ଏ) ବିବାହର ବ୍ୟର୍ଥତା ଘୋଷଣା (ବିବାହକୁ ଯଥାସ୍ଥିତି ବ୍ୟର୍ଥ ବା ବାତିଲ୍ ଘୋଷଣା କରିବା) କିମ୍ବା ଦାମ୍ପତ୍ୟ ଅଧିକାରର ପ୍ରତ୍ୟର୍ପଣ କିମ୍ବା ନ୍ୟାୟିକ ବିଚ୍ଛେଦ ବା ବିବାହର ବିଘଟନକୁ କେନ୍ଦ୍ର କରି ବିବାହର ସଂପୃକ୍ତ ପକ୍ଷମାନଙ୍କ ମଧ୍ୟରେ ଉପୁଜିଥିବା ଏକ ମାମଲା ବା କାର୍ଯ୍ୟବିଧି;

(ବି) ଏକ ମାମଲା ବା କାର୍ଯ୍ୟବିଧି, ଯାହାକି ବିବାହର ବୈଧତା କିମ୍ବା ଜଣେ ବ୍ୟକ୍ତିର ବୈବାହିକ ସ୍ଥିତି ଘୋଷଣା ପାଇଁ ଅଭିପ୍ରେତ ହୋଇଥାଏ;

(ସି) ବିବାହର ପକ୍ଷମାନଙ୍କ ମଧରେ ଉପୁଜିଥିବା ଏକ ମାମଲା ବା କାର୍ଯ୍ୟବିଧି, ଯାହାକି ପକ୍ଷମାନଙ୍କ ସମ୍ପତ୍ତି ବା କୌଣସି ଏକ ପକ୍ଷର ସମ୍ପତ୍ତିକୁ ନେଇ ଆରମ୍ଭ ହୋଇଥାଏ;

(ଡି) ବୈବାହିକ ସମ୍ପର୍କ କାରଣରୁ ସୃଷ୍ଟ ପରିସ୍ଥିତିରେ ଏକ ହୁକୁମ ବା ନିଷେଧାଜ୍ଞାର ଆଦେଶ ଜାରି ପାଇଁ ଚାଲୁଥିବା ଏକ ମାମଲା ବା କାର୍ଯ୍ୟବିଧି;

(ଇ) କୌଣସି ବ୍ୟକ୍ତିର ବୈଧତା ସଂପର୍କରେ ଘୋଷଣା ପାଇଁ ଚାଲୁଥିବା ଏକ ମାମଲା ବା କାର୍ଯ୍ୟବିଧି;

(ଏଫ୍) ଭରଣପୋଷଣକୁ କେନ୍ଦ୍ର କରି ଚାଲୁଥିବା ଏକ ମାମଲା ବା କାର୍ଯ୍ୟବିଧି;

(ଜି) କୌଣସି ନାବାଳକର ଅଭିଭାବକତ୍ୱ, ଅଭିରକ୍ଷା ବା ତା' ସହ ସମ୍ପର୍କ-ରକ୍ଷାକୁ କେନ୍ଦ୍ର କରି ଚାଲୁଥିବା ଏକ ମାମଲା ବା କାର୍ଯ୍ୟବିଧି;

(୨) ଏହି ଆଇନ୍‌ର ଅନ୍ୟ ପ୍ରାବ୍‌ଧାନଗୁଡିକ ଅଧୀନରେ ଥାଇ ଗୋଟିଏ ପାରିବାରିକ ଅଦାଲତ ନିମ୍ନୋକ୍ତ କ୍ଷେତ୍ରାଧିକାର ବହନ ଏବଂ ପ୍ରୟୋଗ କରିବ-

(ଏ) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧାୟ-୯ ଅଧୀନସ୍ଥ କ୍ଷେତ୍ରାଧିକାର (ସ୍ତ୍ରୀ, ପିଲା ଓ ପିତାମାତାଙ୍କ ଭରଣପୋଷଣ ପାଇଁ ଆଦେଶ ସଂପର୍କୀତ), ଯାହା କି ଜଣେ ପ୍ରଥମ-ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରୟୋଗ-ଯୋଗ୍ୟ ;

(ବି) ଏଭଳି ଅନ୍ୟ କୌଣସି କ୍ଷେତ୍ରାଧିକାର, ଯାହା କି ଅନ୍ୟ କୌଣସି ଆଇନ୍ ଦ୍ୱାରା ନ୍ୟସ୍ତ ହୋଇଥାଏ ।

**୮. କ୍ଷେତ୍ରାଧିକାରର ବହିଷ୍କରଣ ଓ ବିଚାରାଧୀନ କାର୍ଯ୍ୟବିଧି:-**

ଯେଉଁ ସ୍ଥଳେ କୌଣସି ଏକ ଅଞ୍ଚଳ ପାଇଁ ଗୋଟିଏ ପାରିବାରିକ ଅଦାଲତ ସ୍ଥାପନା ହୋଇଛି, ସେପରି କ୍ଷେତ୍ରରେ

(ଏ) ଧାରା-୭ର ଉପଧାରା(୧)ରେ ସୂଚୀତ ହୋଇଥିବା କୌଣସି ଜିଲ୍ଲା ଅଦାଲତ ବା ଅଧସ୍ତନ ଦେଓ୍ୟାନି ଅଦାଲତ ସେହି ଅଞ୍ଚଳ ପରିପ୍ରେକ୍ଷୀରେ ଏପରି କୌଣସି ପ୍ରକାରର ମାମଲା ବା କାର୍ଯ୍ୟବିଧି ବ୍ୟାପାରରେ କ୍ଷେତ୍ରାଧିକାର ବହନ କିମ୍ବା ପ୍ରୟୋଗ କରିବେ ନାହିଁ, ଯାହା କି ସେହି ଉପଧାରାର ସ୍ୱଷ୍ଟୀକରଣରେ ସୂଚୀତ ହୋଇଛି ;

(ବି) ସେହି ଅଞ୍ଚଳ ପରିପ୍ରେକ୍ଷୀରେ କୌଣସି ମାଜିଷ୍ଟ୍ରେଟ୍ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନସ୍ଥ କୌଣସି କ୍ଷମତା ବା କ୍ଷେତ୍ରାଧିକାର ବହନ କିମ୍ବା ପ୍ରୟୋଗ କରିବେ ନାହିଁ;

(ସି) ଧାରା-୭ ଅଧୀନସ୍ଥ ଉପଧାରା(୧)ର ସ୍ୱଷ୍ଟୀକରଣରେ ସୂଚୀତ ହୋଇଥିବା ପ୍ରତ୍ୟେକ ଧରଣର ମାମଲା ଓ କାର୍ଯ୍ୟବିଧି ତଥା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ର ଅଧ୍ୟାୟ-୯ ଅଧୀନସ୍ଥ ପ୍ରତି କାର୍ଯ୍ୟବିଧି -

(୧) ଯାହାକି ଏପରି ପାରିବାରିକ ଅଦାଲତ ସ୍ଥାପନ ହେବାର ଅବ୍ୟବହିତ ପୂର୍ବରୁ ସେହି ଉପଧାରାରେ ସୂଚୀତ ହୋଇଥିବା କୌଣସି ଜିଲ୍ଲା ଅଦାଲତ ବା ଅଧସ୍ତନ ଦେଓ୍ୟାନି ଅଦାଲତରେ ବିଚାରାଧୀନ ଥିବ; ଅଥବା ଯଥାସ୍ଥିତି ଉଲ୍ଲିଖିତ ସଂହିତା ଅଧୀନରେ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବିଚାରାଧୀନ ଥିବ; ଏବଂ

(୨) ଯାହାକି ଏପ୍ରକାର ପାରିବାରିକ ଅଦାଲତରେ ରଜୁ ବା ଗୃହୀତ ହେବା କଥା, ଯଦି ଉକ୍ତ ମାମଲା ବା କାର୍ଯ୍ୟବିଧି ରଜୁ ବା ଗୃହୀତ ହେବା ତାରିଖ ପୂର୍ବରୁ ଏହି ଆଇନ୍ ବଳବତ୍ତର ହେବା ସହ ପାରିବାରିକ ଅଦାଲତ ସ୍ଥାପିତ ହୋଇଥାନ୍ତା,

ଏହି ପାରିବାରିକ ଅଦାଲତ ସ୍ଥାପିତ ହେବା ତାରିଖ ଠାରୁ ଏହି ଅଦାଲତକୁ ସ୍ଥାନାନ୍ତର ହୋଇ ଆସିବ ।

## ଚତୁର୍ଥ ଅଧ୍ୟାୟ: କାର୍ଯ୍ୟପ୍ରଣାଳୀ

### ୯. ଆପୋଷ-ମୀମାଂସା ପାଇଁ ପାରିବାରିକ ଅଦାଲତର କର୍ତ୍ତବ୍ୟ :-

(୧) ପ୍ରତ୍ୟେକ ମାମଲା ବା କାର୍ଯ୍ୟବିଧି କ୍ଷେତ୍ରରେ ଘଟଣାଟିର ପ୍ରକୃତି ଓ ପରିସ୍ଥିତିକୁ ଆଖିଆଗରେ ରଖି ପାରିବାରିକ ଅଦାଲତ ଯଥାସମ୍ଭବ ସଂପୃକ୍ତ ପକ୍ଷମାନଙ୍କୁ ମାମଲା ବା କାର୍ଯ୍ୟବିଧିର ବିଷୟବସ୍ତୁ ବ୍ୟାପାରରେ ପ୍ରଥମେ ଏକ ଆପୋଷନାମାରେ ପହଞ୍ଚିବା

ପାଇଁ ସେମାନଙ୍କୁ ସହାୟତା ଏବଂ ପ୍ରରୋଚନା ପ୍ରଦାନ କରିବାକୁ ଚେଷ୍ଟା କରିବେ ଏବଂ ଏହି ଉଦ୍ଦେଶ୍ୟରେ ପାରିବାରିକ ଅଦାଲତ ହାଇକୋର୍ଟଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଅଧୀନରେ ରହି ନିଜେ ଯଥୋଚିତ ମନେ କରୁଥିବା କାର୍ଯ୍ୟପ୍ରଣାଳୀ ଅନୁସରଣ କରିବେ ।

(୨) ଯଦି କୌଣସି ମାମଲା ବା କାର୍ଯ୍ୟବିଧିର କୌଣସି ଏକ ପର୍ଯ୍ୟାୟରେ ପ୍ରତୀତ ହୁଏ ଯେ, ପକ୍ଷମାନଙ୍କ ଭିତରେ ଏକ ଆପୋଷ-ମୀମାଂସା ପାଇଁ ଏକ ଯୁକ୍ତିଯୁକ୍ତ ସମ୍ଭାବନା ଅଛି, ତେବେ ପାରିବାରିକ ଅଦାଲତ ଏପରି ଏକ ସମୟ-ଅବଧି ପାଇଁ କାର୍ଯ୍ୟବିଧିକୁ ମୁଲତବୀ ରଖିପାରନ୍ତି, ଯାହାକି ଆପୋଷ-ମୀମାଂସାକୁ ସମ୍ଭବପର କରିବା ପାଇଁ ସହାୟକ ପଦକ୍ଷେପମାନ ଗ୍ରହଣ କରିବା ସକାଶେ ସମୁଚିତ ।

(୩) ଗୋଟିଏ କାର୍ଯ୍ୟବିଧିକୁ ମୁଲତବୀ ରଖିବା ପାଇଁ ପାରିବାରିକ ଅଦାଲତର ଯେଉଁ ଅନ୍ୟ ପ୍ରକାର କ୍ଷମତା ରହିଛି, ତାହାକୁ ନ୍ୟୁନ ନକରି, ବରଂ ତାହାର ଏକ ଉପରାନ୍ତ ପ୍ରାବ୍‌ଧାନ ରୂପେ ଉପଧାରା(୨) ବଳରେ ନ୍ୟସ୍ତ କ୍ଷମତା ଉଦ୍ଦିଷ୍ଟ ।

**୧୦. ସାଧାରଣଭାବେ କାର୍ଯ୍ୟପ୍ରଣାଳୀ :-**

(୧) ଏହି ଆଇନ୍‌ର ଅନ୍ୟ ପ୍ରାବ୍‌ଧାନସମୂହ ତଥା ନିୟମାବଳୀ ଅଧୀନରେ ରହି, ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ (୧୯୦୮ର ୫) ଏବଂ ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ ଯେ କୌଣସି ଆଇନ୍‌ର ପ୍ରାବ୍‌ଧାନଗୁଡ଼ିକ ପାରିବାରିକ ଅଦାଲତ ସାମନାକୁ ଆସୁଥିବା ମାମଲା ଓ କାର୍ଯ୍ୟବିଧି କ୍ଷେତ୍ରରେ ପ୍ରଯୁଜ୍ୟ ରହିବ ଥଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ୨)ର ଅଧ୍ୟାୟ-୯ ଅଧୀନସ୍ଥ କାର୍ଯ୍ୟବିଧି ବ୍ୟତିରକେ] ଏବଂ ସେହି ସଂହିତାର ପ୍ରାବ୍‌ଧାନଗୁଡ଼ିକ ଉଦ୍ଦେଶ୍ୟାର୍ଥେ ପାରିବାରିକ ଅଦାଲତକୁ ଏକ ଦେଓ୍ୱାନି ଅଦାଲତ ରୂପେ ବିବେଚନା କରାଯିବ ଏବଂ ପାରିବାରିକ ଅଦାଲତ ଦେଓ୍ୱାନି ଅଦାଲତର ସମସ୍ତ କ୍ଷମତାର ଅଧିକାରୀ ରହିବେ ।

(୨) ଏହି ଆଇନ୍‌ର ଅନ୍ୟ ପ୍ରାବ୍‌ଧାନସମୂହ ତଥା ନିୟମାବଳୀ ଅଧୀନରେ ରହି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩(୧୯୭୪ର ୨)ର ପ୍ରାବ୍‌ଧାନସମୂହ ଅଥବା ଏହା ଅଧୀନରେ ପ୍ରଣୀତ ନିୟମାବଳୀ ଗୋଟିଏ ପାରିବାରିକ ଅଦାଲତ ସମ୍ମୁଖରେ ଚାଲୁଥିବା ସେହି ସଂହିତାର ଅଧ୍ୟାୟ-୯ ଅଧୀନସ୍ଥ କାର୍ଯ୍ୟବିଧିଗୁଡ଼ିକ କ୍ଷେତ୍ରରେ ପ୍ରଯୁଜ୍ୟ ରହିବ ।

(୩) ଗୋଟିଏ ମାମଲା ବା କାର୍ଯ୍ୟବିଧିର ବିଷୟବସ୍ତୁକୁ ନେଇ ଏକ ଆପୋଷମୀମାଂସାରେ ପହଞ୍ଚିବା ବା ଗୋଟଏ ପକ୍ଷ ଦ୍ୱାରା ଉପସ୍ଥାପିତ ଅଭିଯୋଗର ତଥ୍ୟାବଳୀକୁ ଅନ୍ୟ ପକ୍ଷଦ୍ୱାରା ଅସ୍ୱୀକାର କରାଯାଉଥିବା ବେଳେ ପ୍ରକୃତ ସତ୍ୟରେ ପହଞ୍ଚିବା ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ପାରିବାରିକ ଅଦାଲତ ନିଜର କାର୍ଯ୍ୟପ୍ରଣାଳୀକୁ ନିର୍ଦ୍ଧାରଣ କରିବାକୁ ଗଲେ, ଉପଧାରା(୧) ବା ଉପଧାରା(୨)ରେ ସ୍ଥାନିତ କୌଣସି ବ୍ୟବସ୍ଥା ତାକୁ ବାଧାଗ୍ରସ୍ଥ କରିବ ନାହିଁ।

**୧୧. ଆବଦ୍ଧ ପ୍ରକୋଷ୍ଠରେ କାର୍ଯ୍ୟବିଧିର ପରିଚାଳନା:-**

ପ୍ରତ୍ୟେକ ମାମଲା ବା କାର୍ଯ୍ୟବିଧି, ଯାହାକି ପାରିବାରିକ ଅଦାଲତର ପରିସରଭୁକ୍ତ, ତାକୁ ପାରିବାରିକ ଅଦାଲତ ଚାହିଁଲେ ବା କୌଣସି ପକ୍ଷ ଚାହିଁଲେ ଆବଦ୍ଧ ପ୍ରକୋଷ୍ଠରେ ପରିଚାଳନା କରିପାରିବେ।

**୧୨. ଚିକିତ୍ସା ଓ କଲ୍ୟାଣ ବିଶେଷଜ୍ଞଙ୍କ ସହାୟତା:-**

ପ୍ରତ୍ୟେକ ମାମଲା ବା କାର୍ଯ୍ୟବିଧିରେ ପାରିବାରିକ ଅଦାଲତ ଆଇନ୍ ଦ୍ୱାରା ଦାୟିତ୍ୱ ସମ୍ପାଦନରେ ସହାୟତା ପାଇଁ ନିଜର ପସନ୍ଦ ମୁତାବକ କୌଣସି ଚିକିତ୍ସା ବିଶେଷଜ୍ଞ ବା ସେପରି ଜଣେ ବ୍ୟକ୍ତି (ଯଦି ମହିଳା ଉପଲବ୍ଧ ଥାଆନ୍ତି, ତାଙ୍କୁ ଅଗ୍ରାଧିକାର ଦିଆଯିବ)ଙ୍କର ସେବା ଗ୍ରହଣ କରିପାରନ୍ତି, ଯେ କି କୌଣସି ପକ୍ଷଙ୍କ ସହ ସମ୍ପର୍କୀତ ହୋଇଥାନ୍ତୁ ବା ନଥାନ୍ତୁ; ସେହି ପ୍ରକାର ବ୍ୟକ୍ତିଙ୍କ ମଧ୍ୟରେ ଥାଇପାରନ୍ତି ଏମିତି ଜଣେ ବ୍ୟକ୍ତି, ଯେ କି ପରିବାର କଲ୍ୟାଣର ଅଗ୍ରଗତି ପାଇଁ ବୃତ୍ତିଗତ ଭାବେ ନିୟୋଜିତ ଅଛନ୍ତି।

**୧୩. ଆଇନାନୁମୋଦିତ ଢଙ୍ଗରେ ପ୍ରତିବେଦନ କରିବାର ଅଧିକାର:-**

ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ପ୍ରାବଧାନ ଥାଉନା କାହିଁକି, ପାରିବାରିକ ଅଦାଲତ ସାମନାରେ ଚାଲୁଥିବା ଏକ ମାମଲା ବା କାର୍ଯ୍ୟବିଧିର କୌଣସି ପକ୍ଷ ଜଣେ ପେଷାଦାର ଆଇନ୍‌ଜୀବି ମାଧ୍ୟମରେ ନିଜର ପ୍ରତିବେଦନ ଜଣାଇବାକୁ ହକ୍‌ଦାର ନୁହନ୍ତି;

**ପରନ୍ତୁ,** ପାରିବାରିକ ଅଦାଲତ ନ୍ୟାୟର ସ୍ୱାର୍ଥରେ ଆବଶ୍ୟକ ମନେକଲେ, ସେ ଅଦାଲତର ନିରପେକ୍ଷ ସହାୟକ ରୂପେ ଜଣେ ଆଇନ୍ ବିଶେଷଜ୍ଞଙ୍କ ସହାୟତା ଲୋଡିପାରନ୍ତି।

**୧୪. ଭାରତୀୟ ପ୍ରମାଣ ଆଇନ୍, ୧୮୭୨ର ପ୍ରୟୋଗ : -**

ପାରିବାରିକ ଅଦାଲତଙ୍କ ମତରେ ଗୋଟିଏ ବିବାଦର ସଫଳ ବିଚାର ପାଇଁ ଯଦି କୌଣସି

ବିବରଣୀ, ବିବୃତ୍ତି, ଦଲିଲ୍ , ସୂଚନା ବା ସାମଗ୍ରୀ ସହାୟକ ହୋଇପାରେ, ତେବେ ସେ ଏସବୁକୁ ପ୍ରମାଣ ସ୍ୱରୂପ ଗ୍ରହଣ କରିପାରନ୍ତି, ଯଦ୍ୟପି ତାହା ଭାରତୀୟ ପ୍ରମାଣ ଆଇନ, ୧୮୭୨ (୧୮୭୨ର ସଂଖ୍ୟା ୧) ଅଧୀନରେ ଅନ୍ୟଦୃଷ୍ଟିରୁ ପ୍ରାସଙ୍ଗିକ ବା ଗ୍ରହଣଯୋଗ୍ୟ ହୋଇ ପାରେ ବା ନପାରେ ।

**୧୫. ମୌଖିକ ପ୍ରମାଣକୁ ଲିପିବଦ୍ଧ କରିବା:-**

ପାରିବାରିକ ଅଦାଲତ ସାମନାରେ ଚାଲୁଥିବା କୌଣସି ମାମଲା ବା କାର୍ଯ୍ୟବିଧିରେ ସାକ୍ଷୀମାନଙ୍କର ଜମାନବନ୍ଦୀକୁ ପୁରାପୁରି ଲିପିବଦ୍ଧ କରିବାର ଆବଶ୍ୟକତା ନାହିଁ; କିନ୍ତୁ ପ୍ରତି ସାକ୍ଷୀଙ୍କୁ ଜେରା କାର୍ଯ୍ୟ ଆଗେଇ ଚାଲୁ ଥିବା ବେଳେ, ସେହି ସାକ୍ଷୀ ଦେଇଥିବା ବୟାନର ସାରାଂଶକୁ ସନ୍ନିବେଶିତ କରି ବିଚାରପତି ନିଜେ ଏକ ସ୍ମାରକ-ଲିପି ପ୍ରସ୍ତୁତ କରିବେ ବା କରାଇବେ, ଏବଂ ଏତାଦୃଶ ସ୍ମାରକ-ଲିପି ସାକ୍ଷୀ ଏବଂ ବିଚାରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଏହା ନଥି-ଭୁକ୍ତ ହେବ ।

**୧୬. ସତ୍ୟପାଠ ମାଧମରେ ଔପଚାରକ ସାକ୍ଷ୍ୟଗ୍ରହଣ :-**

(୧) ଯେଉଁସ୍ଥଳେ ଜଣେ ବ୍ୟକ୍ତିର ସାକ୍ଷ୍ୟ **ଔପଚାରକ** ଧରଣର, ସେ ତାହା ସତ୍ୟପାଠ ମାଧମରେ ଦେଇପାରିବେ, ଯାହା କି ଯଥୋଚିତ ବ୍ୟତିକ୍ରମସବୁକୁ ବାଦ୍ ଦେଇ ପାରିବାରିକ ଅଦାଲତ ସମ୍ମୁଖରେ ଆଗତ ଯେ କୌଣସି ମାମଲା ବା କାର୍ଯ୍ୟବିଧିର ସାକ୍ଷ୍ୟ ରୂପେ ପଠିତ ହେବ ।

(୨) ପାରିବାରିକ ଅଦାଲତ ଯଦି ଯଥାର୍ଥ ମନେ କରନ୍ତି କିମ୍ବା ମାମଲା ବା କାର୍ଯ୍ୟବିଧିର କୌଣସି ପକ୍ଷ ସେଥିପାଇଁ ଆବେଦନ କରନ୍ତି, ତେବେ ଅଦାଲତ ଜଣେ ବ୍ୟକ୍ତିଙ୍କୁ ଡକାଇ ପାରିବେ (ସମନ୍ କରି ପାରିବେ) ଏବଂ ସେହି ବ୍ୟକ୍ତି ସତ୍ୟପାଠରେ ଦର୍ଶାଇଥିବା ତଥ୍ୟାବଳୀ ସମ୍ବନ୍ଧରେ ଜେରା କରିପାରନ୍ତି ।

**୧୭. ରାୟ:-**

ପାରିବାରିକ ଅଦାଲତର ଗୋଟିଏ ରାୟରେ ମାମଲାର ଏକ ସଂକ୍ଷିପ୍ତ ବିବରଣୀ, ନିର୍ଣ୍ଣୟ ପାଇଁ ଆଗତ ପ୍ରଶ୍ନ ଓ ତା' ଉପରେ ନିଆଯାଇଥିବା ନିଷ୍ପତ୍ତି ତଥା ଏପରି ନିଷ୍ପତ୍ତି ପଛରେ ଥିବା କାରଣମାନ ସ୍ଥାନ ପାଇବ ।

**୧୮. ଫଇସଲା ଓ ଆଦେଶଗୁଡିକର ନିଷ୍ପାଦନ :-**

(୧) ପାରିବାରିକ ଅଦାଲତ ଦ୍ୱାରା ଜାରି ହୋଇଥିବା ଗୋଟିଏ ଫଇସଲା (ଡିକ୍ରୀ) କିମ୍ବା ଆଦେଶ ଥଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା,୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନରେ ଜାରି ହୋଇଥିବା ଏକ ଆଦେଶ ଠାରୁ ଭିନ୍ନଧ ସେତିକି ବଳ ଓ ପ୍ରଭାବ ବହନ କରିବ, ଯାହାକି ଗୋଟିଏ ଦେଓ୍ୱାନି ଅଦାଲତର ଗୋଟିଏ ଫଇସଲା କିମ୍ବା ଆଦେଶ ବହନ କରିଥାଏ ଏବଂ ଏହା ଠିକ୍ ସେହି ପଦ୍ଧତିରେ ନିଷ୍ପାଦିତ ହେବ, ଯାହାକି ଦେଓ୍ୱାନି କାର୍ଯ୍ୟବିଧି ସଂହିତା,୧୯୦୮ (୧୯୦୮ ମସିହାର ସଂଖ୍ୟା-୫)ରେ ଫଇସଲା ଏବଂ ଆଦେଶଗୁଡିକର ନିଷ୍ପାଦନ ପାଇଁ ବିହିତ କରାଯାଇଛି ।

(୨) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନରେ ପାରିବାରିକ ଅଦାଲତ ଦ୍ୱାରା ଜାରିହୋଇଥିବା ଏକ ଆଦେଶ ଠିକ୍ ସେହି ପଦ୍ଧତିରେ ନିଷ୍ପାଦିତ ହେବ, ଯାହାକି ଏତାଦୃଶ ଆଦେଶକୁ ନିଷ୍ପାଦନ ପାଇଁ ସେହି ସଂହିତାରେ ବିହିତ କରାଯାଇଛି ।

(୩) ପାରିବାରିକ ଅଦାଲତ ଦ୍ୱାରା ଜାରି କରାଯାଇଥିବା ଏକ ଫଇସଲା ବା ଆଦେଶକୁ ସେହି ଅଦାଲତଙ୍କ ଦ୍ୱାରା ଅଥବା ଏହି ଆଦେଶକୁ ନିଷ୍ପାଦନ ପାଇଁ ଯେଉଁ ଅନ୍ୟ ଏକ ପାରିବାରିକ ଅଦାଲତ ବା ସାଧାରଣ ଦେଓ୍ୱାନି ଅଦାଲତଙ୍କ ପାଖକୁ ପଠାଯାଇଛି, ତାଙ୍କ ଦ୍ୱାରା ନିଷ୍ପାଦନ କରାଯାଇପାରେ ।

## ୫ମ ଅଧ୍ୟାୟ: ଅପିଲ୍ ଏବଂ ପୁନରୀକ୍ଷଣ

**୧୯. ଅପିଲ :-**

(୧) ଉପଧାରା(୨) ଅଧୀନସ୍ଥ ପ୍ରାବ୍ଧାନ ବ୍ୟତିରେକ ଏବଂ ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା, ୧୯୦୮ (୧୯୦୮ର ସଂଖ୍ୟା-୫) କିମ୍ବା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ରେ କିମ୍ବା ଅନ୍ୟ କୌଣସି ଆଇନ୍‌ରେ ଯାହା କିଛି ପ୍ରାବ୍ଧାନ ଥାଉନା କାହିଁକି, ପାରିବାରିକ ଅଦାଲତ ଦ୍ୱାରା ଜାରି ହୋଇଥିବା ପ୍ରତ୍ୟେକ ରାୟ କିମ୍ବା ଆଦେଶ, ଯାହାକି ମଧ୍ୟବର୍ତ୍ତୀ ଧରଣର ନୁହେଁ, ତା' ଉପରେ ମାମଲାର ସତ୍ୟାସତ୍ୟ ତଥା ଆଇନ୍‌ଗତ ପ୍ରଶ୍ନ, ଉଭୟକୁ କେନ୍ଦ୍ର କରି ହାଇକୋର୍ଟରେ ଅପିଲ୍ କରିହେବ ।

(୨) ପାରିବାରିକ ଅଦାଲତ ଯେଉଁ ଫଇସଲା ବା ଆଦେଶକୁ ପକ୍ଷମାନଙ୍କ ସମ୍ମତିକ୍ରମେ ଶୁଣାଇଥିବେ, କିମ୍ବା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନରେ ଯେଉଁ ଆଦେଶ ଜାରି କରିଥିବେ, ତା' ଉପରେ ଅପିଲ୍ କରିହେବ ନାହିଁ;

**ପରନ୍ତୁ,** ପାରିବାରିକ ଅଦାଲତ (ସଂଶୋଧନ) ଆଇନ୍, ୧୯୯୧ର ପ୍ରାରମ୍ଭ ପୂର୍ବରୁ ହାଇକୋର୍ଟଙ୍କ ନକିଟରେ ବିଚାରାଧୀନ ଥିବା କୌଣସି ଅପିଲ୍ କିମ୍ବା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନରେ ଜାରି ହୋଇଥିବା କୌଣସି ଆଦେଶ କ୍ଷେତ୍ରରେ ଏହି ଉପଧାରାର ପ୍ରାବ୍ଧାନ ଲାଗୁ ହେବ ନାହିଁ।

**(୩)** ଏହି ଧାରା ଅଧୀନରେ ପ୍ରତି ଅପିଲ୍ ପାରିବାରିକ ଅଦାଲତଙ୍କ ରାୟ ବା ଆଦେଶ ତାରଖର ୩୦ ଦିନ ମଧ୍ୟରେ ଦାଖଲ ହେବ।

(୪) ହାଇକୋର୍ଟ ସ୍ୱୟଂ-ଚାଳିତ ହୋଇ କିମ୍ବା ଅନ୍ୟ କୌଣସି ପ୍ରକାରେ ପ୍ରରୋଚିତ ହୋଇ

ସେପରି କୌଣସି ଏକ କାର୍ଯ୍ୟବିଧିର ଅଭିଲେଖ (ରେକର୍ଡ) ମଗାଇ ପାରନ୍ତି ଏବଂ ତାକୁ ପରୀକ୍ଷା କରିପାରନ୍ତି, ଯେଉଁ ଥିରେ କି ପାରିବାରିକ ଅଦାଲତ ନିଜ କ୍ଷେତ୍ରାଧିକାର ଅଧୀନରେ ରହି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା-୨)ର ଅଧ୍ୟାୟ-୯ ଅଧୀନରେ ଏକ ଆଦେଶ ଜାରି କରିଥିଲେ; ଏପରି ତଲବ୍ କରିବାର ଉଦ୍ଦେଶ୍ୟ ହେଉଛି, ହାଇକୋର୍ଟ ସ୍ୱୟଂ ଏତାଦୃଶ ଏକ ଆଦେଶ, ଯାହାକି ମଧ୍ୟବର୍ତ୍ତୀ ଧରଣର ନୁହେଁ, ତହିଁର ନିର୍ଭୁଲତା, ବୈଧାନିକତା ଓ ଔଚିତ୍ୟ ସମ୍ବନ୍ଧରେ ତଥା ଏତାଦୃଶ କାର୍ଯ୍ୟବିଧିର ନିୟମିତତା ସମ୍ବନ୍ଧରେ ସନ୍ତୁଷ୍ଟ ହେବାକୁ ଚାହିଁ ପାରନ୍ତି।

(୫) ଉଲ୍ଲିଖିତ ବ୍ୟବସ୍ଥା ବ୍ୟତିରେକ ପାରିବାରିକ ଅଦାଲତର କୌଣସି ରାୟ, ଆଦେଶ

ବା ଫଇସଲା ଉପରେ କୌଣସି କୋର୍ଟ ନିକଟରେ ଅପିଲ୍ ବା ପୁନରୀକ୍ଷଣ ପାଇଁ ଆବେଦନ କରାଯାଇ ପାରିବ ନାହିଁ। ନ୍ୟାୟାଧିଶଙ୍କ ଦ୍ୱାରା ଶୁଣାଣି ହେବ।

(୬) ଉପଧାରା(୧) ଅଧୀନରେ ଦାଖଲ ହୋଇଥିବା ଏକ ଅପିଲ୍‌କୁ ଦୁଇ ବା ତତୋଧିକ ବିଚାରପତିଙ୍କୁ ନେଇ ଗଠିତ ହୋଇଥିବା ଏକ ଖଣ୍ଡପୀଠ ଶୁଣାଣି କରିବେ ।

## ଷଷ୍ଠ ଅଧ୍ୟାୟ :ବିବିଧ

**୨୦. ଆଇନ୍‌ର ଅତିକ୍ରମଣାତ୍ମକ ପ୍ରଭାବ:-**

ଯଦି ଏହି ଆଇନ୍ ବ୍ୟତିରେକ ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ବା ଆଇନ୍ ବଳରେ ପ୍ରଭାବଶାଳୀ ହେଉଥିବା ବିଧିବିଧାନରେ ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକ ସହ ଅସଂଗତ ହେଲାଭଳି କୌଣସି ବ୍ୟବସ୍ଥା ଥାଏ, ତେବେ ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକ ହିଁ ପ୍ରଭାବ ବହନ କରିବ ।

**୨୧. ନିୟମାବଳୀ ପ୍ରଣୟନକରିବାରେ ହାଇକୋର୍ଟଙ୍କ କ୍ଷମତା:-**

(୧) ଏହି ଆଇନ୍‌ର ଉଦ୍ଦେଶ୍ୟଗୁଡିକୁ ବାସ୍ତବାୟନ କରିବା ପାଇଁ ହାଇକୋର୍ଟ ଯେପରି ଆବଶ୍ୟକ ମନେ କରିବେ, ସେଭଳି ନିୟମାବଳୀକୁ ସେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ବଳରେ ଲାଗୁ କରିପାରନ୍ତି ।

(୨) ପୂର୍ବ ବର୍ଣ୍ଣିତ କ୍ଷମତାକୁ କ୍ଷୁର୍ଣ୍ଣ ନକରି ଏବଂ ବିଶେଷ କରି ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟରେ ଏହି ନିୟମାବଳୀ ପ୍ରାବ୍‌ଧାନ କରିପାରନ୍ତି, ଯଥା :-

(ଏ) ପାରିବାରିକ ଅଦାଲତମାନଙ୍କର ସାଧାରଣ କାର୍ଯ୍ୟ-ସମୟ ତଥା ଛୁଟିଦିନ ଏବଂ ସାଧାରଣ କାର୍ଯ୍ୟ-ସମୟ ବାହାରେ ଏହାର ବୈଠକ ବସିବା;

(ବି) ଯେଉଁ ସ୍ଥାନରେ ପାରିବାରିକ ଅଦାଲତର ବୈଠକ ସାଧାରଣତଃ ବସିଥାଏ, ତଦ୍‌ଭିନ୍ନ ଅନ୍ୟ ସ୍ଥାନମାନଙ୍କରେ ଏହାର ବୈଠକ ବସିବା;

(ସି) ପକ୍ଷମାନେ ଏକ ଆପୋଷ-ରାଜିନାମାରେ ପହଞ୍ଚିବା ପାଇଁ ସେମାନଙ୍କୁ ସହାୟତା ଏବଂ ପ୍ରରୋଚନା ପାଇଁ କି ପ୍ରକାର ପ୍ରଚେଷ୍ଟା କରାଯାଇପାରେ ଏବଂ କି ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇପାରେ ।

## ୨୨. ନିୟମାବଳୀ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା :-

(୧) ଧାରା ୪ର ଉପଧାର ୩ ଅଧିନସ୍ଥ ଅଣ-ଉପଧାରା (ସି) ସୂଚୀତ ହୋଇଥିବା ବଚାରପତିମାନଙ୍କର ଅନ୍ୟାନ୍ୟ ଯୋଗ୍ୟତାବଳୀ ସମ୍ବନ୍ଧରେ କେନ୍ଦ୍ର ସରକାର ଭାରତର ପ୍ରଧାନ ବିଚାରପତିଙ୍କ ସହମତି କ୍ରମେ ନିୟମାବଳୀ ପ୍ରଣୟନ କରି ବିଜ୍ଞପ୍ତି ବଳରେ ବିହିତ କରିବେ ।

(୨) ଯେତେବେଳେ ସଂସଦର ଅଧିବେଶନ ସମୁଦାୟ ସମୟକାଳ ୩୦ଦିନ ପାଇଁ ଚାଲୁ ଥାଏ, ଏବଂ ଏହି ସମୟକାଳ ଏକ ବା ଦୁଇ ବା ତତୋଧିକ ଲଗାତାର ଅଧିବେଶନକୁ ବ୍ୟାପ୍ତ ହୋଇଥାଇପାରେ, ସେତେବେଳେ ଏହି ଆଇନ୍ ଅଧୀନରେ ପ୍ରଣୀତ ପ୍ରତି ନିୟମାବଳୀକୁ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ, ଏବଂ ଉଲ୍ଲିଖିତ ଅଧିବେଶନ ବା ଲଗାତାର ଅଧିବେଶନଗୁଡିକର ସମାପ୍ତି ପୂର୍ବରୁ ଯଦି ଉଭୟ ଗୃହ ନିୟମାବଳୀରେ କୌଣସି ସଂଶୋଧନ ଆଣିବା ପାଇଁ ସହମତ ହୁଅନ୍ତି ଅଥବା ସେମାନେ ସହମତ ହୁଅନ୍ତି ଯେ ଏହି ନିୟମାବଳୀ ପ୍ରଣୟନ ହେବା କଥା ନୁହେଁ, ତେବେ ଏହାପରେ ଯଥାସ୍ଥିତି ନିୟମାବଳୀ ସେହି ସଂଶୋଧିତ ରୂପରେ ପ୍ରଭାବଶାଳୀ ରହିବ ନଚେତ୍ ଏହା କୌଣସି ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏତାଦୃଶ ସଂଶୋଧନ ବା ପ୍ରତ୍ୟାଖ୍ୟାନ ବଳରେ ଉକ୍ତ ନିୟମାବଳୀ ଅଧିନରେ ସମ୍ପାଦିତ ହୋଇଥିବା କୌଣସି କାର୍ଯ୍ୟର ବୈଧତା କ୍ଷୁର୍ଣ୍ଣ ହେବ ନାହିଁ ।

## ୨୩. ନିୟମାବଳୀ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା:-

(୧) ଏହି ଆଇନ୍‌ର ଉଦ୍ଦେଶ୍ୟଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ହାଇକୋର୍ଟଙ୍କ ସହ ପରାମର୍ଶ କ୍ରମେ ବିଜ୍ଞପ୍ତି ବଳରେ ନିୟମାବଳୀ ପ୍ରଣୟନ କରିପାରନ୍ତି;

(୨) ଉପଧାରା(୧) ଅଧୀନସ୍ଥ ପ୍ରାବ୍ଧାନଗୁଡିକର ସାଧାରଣତାକୁ କ୍ଷୁର୍ଣ୍ଣ ନକରି ଏବଂ ବିଶେଷ କରି ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟରେ ଏହି ନିୟମାବଳୀ ପ୍ରାବ୍ଧାନ କରିପାରନ୍ତି, ଯଥା :-

(ଏ) ଧାରା ୪ର ଉପଧାରା(୬) ଅଧୀନରେ ବିଚାରପତିମାନଙ୍କର ପ୍ରାପ୍ୟ ଦରମା, ପାରିତୋଷିକ ବା ଅନ୍ୟାନ୍ୟ ଭତ୍ତାମାନ ତଥା ସେମାନଙ୍କ ପାଇଁ ଅନ୍ୟାନ୍ୟ ସର୍ତ୍ତାବଳୀ;

(ବି) ଧାରା ୬ରେ ସୂଚୀତ ପରାମର୍ଶଦାତାବୃନ୍ଦଙ୍କ ସଂପୃକ୍ତି ପରିପ୍ରେକ୍ଷୀରେ ସେମାନଙ୍କର କାର୍ଯ୍ୟକାଳ ଓ ପ୍ରଯୁଜ୍ୟ ସର୍ତ୍ତାବଳୀ ତଥା ପଦାଧିକାରୀବୃନ୍ଦ ଓ କର୍ମଚାରୀବୃନ୍ଦଙ୍କ କାର୍ଯ୍ୟକାଳ ଓ ପ୍ରଯୁଜ୍ୟ ସର୍ତ୍ତାବଳୀ;

(ସି) ଧାରା ୧୨ ସୂଚୀତ ହୋଇଥିବା ଚିକିତ୍ସା ଓ ଅନ୍ୟ ବିଶେଷଜ୍ଞ ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ପ୍ରାପ୍ୟ ହେଉଥିବା ଫିସ୍ ଓ ଖର୍ଚ୍ଚାଦି (ଯାତାୟତ ଖର୍ଚ୍ଚ ସମେତ), ଯାହାକି ରାଜ୍ୟ ସରକାରଙ୍କ ରାଜସ୍ୱରୁ ପଇଠ ହେବା କଥା ତଥା ଏତାଦୃଶ ଫିସ୍ ଏବଂ ଖର୍ଚ୍ଚାଦିର ହାର ;

(ଡି) ଧାରା୧୩ ଅଧୀନରେ ଅଦାଲତର ନିରପେକ୍ଷ ସହାୟକ ରୂପେ ନିଯୁକ୍ତ ହୋଇଥିବା ଆଇନ୍‌ଜୀବିମାନଙ୍କ ଫିସ୍ ଏବଂ ଖର୍ଚ୍ଚାଦି, ଯାହାକି ରାଜ୍ୟ ସରକାରଙ୍କ ରାଜସ୍ୱରୁ ପଇଠ ହେବା କଥା ତଥା ଏତାଦୃଶ ଫିସ୍ ଏବଂ ଖର୍ଚ୍ଚାଦିର ହାର;

(ଇ) ଅନ୍ୟ କୌଣସି ବିଷୟ, ଯାହାକି ନିୟମାବଳୀ ବଳରେ ବିହିତ ବା ସ୍ଥିରୀକୃତ କରାଯିବା ବିଧେୟ ବା କରାଯାଇପାରେ ।

(୩) ଏହି ଆଇନ୍ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତି ନିୟମ ଏହା ପ୍ରଣୟନ ହେବା ପରେ ପରେ ଯଥାଶୀଘ୍ର ରାଜ୍ୟ ଆଇନ୍‌ସଭାରେ ପେଶ୍ କରାଯିବ ।

# ପାରିବାରିକ ଅଦାଲତସମୂହ (ଅଦାଲତ) ନିୟମାବଳୀ, ୧୯୮୮

## [ସରକାରୀ ଗେଜେଟ୍ ୨୫, ୩-ଏ ତାରିଖ ୧୨.୧.୯୦ରେ ବିଜ୍ଞପ୍ତି ସଂଖ୍ୟା ୮୪୩-ଏ ତାରିଖ ୨୦.୧୨.୮୯ରେ ପ୍ରକାଶିତ]

### ପ୍ରଥମ ଅଧ୍ୟାୟ

୧. ଏହି ନିୟମାବଳୀକୁ ପାରିବାରିକ ଅଦାଲତସମୂହ (ଅଦାଲତ) ନିୟମାବଳୀ, ୧୯୮୮ ବୋଲି କୁହାଯିବ ।

୨.

(ଏ) ପାରିବାରିକ ଅଦାଲତମାନ ପୂର୍ବାହ୍ଣ ସାଢ଼େ ଦଶଟା ଠାରୁ ଅପରାହ୍ଣ ପାଞ୍ଚଟା ପର୍ଯ୍ୟନ୍ତ ଚାଲିବ ଓ କେବଳ ବିଚାରପତିମାନଙ୍କୁ ଦିବା ଏକ ଘଟିକା ତିରିଶ୍ ମିନିଟ୍‌ରୁ ଦୁଇଟା ପର୍ଯ୍ୟନ୍ତ ବିରତି ମିଳିବ ।

(ବି) ଅଦାଲତ ଏହାର ଅଧିବେଶନ ପୂର୍ବାହ୍ଣ ଏଗାରଟା ବେଳେ ଆରମ୍ଭ କରିବ ଏବଂ ଅପରାହ୍ଣ ଚାରିଟା ବେଳେ ଶେଷ କରିବ ।

(ସି) ମାସର ଶେଷ ଶନିବାର, ତାହା ଯଦି ଏକ କାର୍ଯ୍ୟଦିବସ ଥାଏ, ତେବେ ସେ ଦିନ ଅଦାଲତର ପ୍ରଧାନ ବିଚାରପତି ଇଚ୍ଛାକଲେ ପ୍ରଶାସନିକ କାର୍ଯ୍ୟଗୁଡ଼ିକରେ ମନୋନିବେଶ କରିପାରନ୍ତି, କିନ୍ତୁ ସେ ଚାହିଁଲେ ଜରୁରୀ କିମ୍ବା ଖଣ୍ଡ-ଶୁଣାଣି ହୋଇଥିବା ଫୌଜଦାରୀ ମାମଲାଗୁଡ଼ିକର ଶୁଣାଣି କରିପାରନ୍ତି ।

୩.

(ଏ) ଅଦାଲତର ଛୁଟିଦିନରେ କିମ୍ବା ଅଦାଲତର କାର୍ଯ୍ୟ-ନିର୍ଘଣ୍ଟ ସମାପ୍ତ ହେଲା ପରେ କୌଣସି କାର୍ଯ୍ୟବିଧି ଚାଲିପାରିବ ନାହିଁ; କେବଳ ଗୋଟିଏ ବ୍ୟତିକ୍ରମ ଛଡ଼ା; ତାହା ହେଲା, ଏକ ବିଶେଷ ଆବେଦନ କାରଣରୁ ଅଥବା ନ୍ୟାୟ ଦୃଷ୍ଟିରୁ ବା ସଂପୃକ୍ତ ପକ୍ଷମାନଙ୍କ ହିତ ଦୃଷ୍ଟିରୁ ଯଦି ବିଚାରପତି କାରଣଗୁଡ଼ିକୁ ଲିପିବଦ୍ଧ କରିବା ସହ ହୃଦ୍‌ବୋଧ କରନ୍ତି ଯେ ସେ ପ୍ରକାର ଶୁଣାଣି କରିବା ଦରକାର । ଏ ପ୍ରକାର ବ୍ୟତିକ୍ରମ ସ୍ଥିତିମାନଙ୍କରେ ଶୁଣାଣିର ତିନିଦିନ ମଧ୍ୟରେ ତୁରନ୍ତ ହାଇକୋର୍ଟଙ୍କୁ ଏ ବିଷୟ ଜଣାଇ ଦିଆଯିବ ।

(ବି) ସତନ୍ତ୍ର ପରିସ୍ଥିତି ଉପୁଜିଲେ ଗୋଟିଏ ପାରିବାରିକ ଅଦାଲତ ହାଇକୋର୍ଟଙ୍କ ପୂର୍ବାନୁମତି କ୍ରମେ ନିଜର ଅଧିବେଶନ ଏଭଳି ଏକ ସ୍ଥାନରେ ବସାଇ ପାରନ୍ତି, ଯାହାକି ଅଦାଲତ ସାଧାରଣତଃ ବସିବାର ସ୍ଥାନ ଠାରୁ ଭିନ୍ନ ଅଟେ । ଯେଉଁସ୍ଥଳେ ଏତାଦୃଶ ଅନୁମତି ଲୋଡା ଯାଇଥିବ, ମାତ୍ର ଅନୁମତି ପାଇଁ ପତ୍ର ପଠାଇବାର ଏକୋଇଶି ଦିନ ମଧ୍ୟରେ ଅନୁମତି ମିଳି ନଥିବ, ସେପରି ସ୍ଥଳେ ପାରିବାରିକ ଅଦାଲତ ଏତାଦୃଶ ଅଧିବେଶନ ବସାଇ ପାରନ୍ତି, ମାତ୍ର ଏପରି କ୍ଷେତ୍ରରେ ଯାତାୟତ ଖର୍ଚ୍ଚ ହାଇକୋର୍ଟଙ୍କ ସମ୍ମତି ସାପେକ୍ଷ ।

୪.

(ଏ) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ଅଧିନସ୍ଥ ନବମ ଅଧ୍ୟାୟର ଅନ୍ତର୍ଭୁକ୍ତ ହୋଇଥିବା କାର୍ଯ୍ୟବିଧିକୁ ବାଦ୍ ଦେଇ ଅନ୍ୟ ସମସ୍ତ କାର୍ଯ୍ୟବିଧି ଦେଓ୍ୱାନି କାର୍ଯ୍ୟବିଧି ରୂପେ ପଞ୍ଜିକୃତ ହେବ ଓ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ଅଧିନସ୍ଥ ନବମ ଅଧ୍ୟାୟର ଅନ୍ତର୍ଭୁକ୍ତ କାର୍ଯ୍ୟବିଧିଗୁଡିକ ଫୌଜଦାରୀ କାର୍ଯ୍ୟବିଧି ରୂପେ ପଞ୍ଜିକୃତ ହେବ । ଏତାଦୃଶ କାର୍ଯ୍ୟବିଧିଗୁଡିକରେ ମଧ୍ୟବର୍ତ୍ତୀକାଳୀନ ବା ଆନୁଷଙ୍ଗିକ ଉପଶମ (ରିଲିଫ୍) ପାଇଁ ଦାଖଲ ହୋଇଥିବା ଆବେଦନଗୁଡିକୁ ବିବିଧ କାର୍ଯ୍ୟବିଧି ରୂପେ ପଞ୍ଜିକୃତ କରାଯିବ ।

(ବି) ପ୍ରତି ବର୍ଷରେ ପ୍ରତ୍ୟେକ ଧରଣର କାର୍ଯ୍ୟବିଧିକୁ ତାହାର ପ୍ରାରମ୍ଭ ତାରିଖ ଅନୁସାରେ କ୍ରମାନ୍ୱୟରେ ସଂଖ୍ୟାୟିତ କରି ଲିପିବଦ୍ଧ କରାଯିବ ।

୫.

(ଏ) ଦେଓ୍ୱାନି କାର୍ଯ୍ୟବିଧି ଚାଲୁ କରିବା ଲାଗି ପ୍ରତ୍ୟେକ ଅର୍ଜି ଏବଂ ପ୍ରତିବାଦୀ ପକ୍ଷଙ୍କ ଦ୍ୱାରା ଏହାର ଜବାବ୍‌କୁ ସେହି ପଦ୍ଧତିରେ ଯାଞ୍ଚ କରାଯିବ, ଯାହାକି ଦେଓ୍ୱାନି କାର୍ଯ୍ୟବିଧି ସଂହିତାରେ ଅର୍ଜୀ ଓ ଲିଖିତ ବିବୃତ୍ତି ପାଇଁ ବିହିତ କରାଯାଇଛି ।

(ବି) ଫୌଜଦାରୀ କାର୍ଯ୍ୟବିଧ ସଂହିତାର ନବମ ଅଧ୍ୟାୟ ଅନ୍ତର୍ଭୁକ୍ତ ଏକ ଅର୍ଜି ଓ ପ୍ରତିବାଦୀ ପକ୍ଷଙ୍କ ଦ୍ୱାରା ତହିଁର ଜବାବ୍ ପକ୍ଷଙ୍କ ଦ୍ୱାରା ସତ୍ୟପାଠ (ଆଫିଡେଭିଟ୍) ବଳରେ ସମର୍ଥିତ ହୋଇଥିବ ।

(ସି) ଏକ ବିବିଧ କାର୍ଯ୍ୟବିଧି ଚାଲୁ କରିବା ପାଇଁ ଅର୍ଜି ଓ ତହିଁର ପ୍ରତିବାଦକୁ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥବ ।

(ଡି) ଅନ୍ୟାନ୍ୟ ବିଷୟଗୁଡିକ ଯଥାସ୍ଥିତି ହାଇକୋର୍ଟଙ୍କ ସାଧାରଣ ନିୟମାବଳୀ ଓ ପରିପତ୍ର ଆଦେଶାବଳୀ (ଦେଓ୍ୱାନୀ) ବା (ଫୌଜଦାରୀ) ଦ୍ୱାରା ପରିଚାଳିତ ହେବ, କିନ୍ତୁ ସେହି ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ ତହିଁର ପ୍ରାବଧାନଗୁଡିକ ପାରିବାରିକ ଅଦାଲତ ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ସହ ଅସଂଗତ ହୋଇ ନଥିବ ।

## ଦ୍ୱିତୀୟ ଅଧ୍ୟାୟ

୬. ପାରିବାରିକ ଅଦାଲତସମୂହ ଆଇନ୍‌ର ଧାରା ୧୯ ଅଧୀନରେ ପ୍ରତି ଅପିଲ୍ ଯଥାସ୍ଥିତି ଦେଓ୍ୱାନି ଅପିଲ୍ ବା ଫୌଜଦାରୀ ଅପିଲ୍ ଭାବେ ପଞ୍ଜିକୃତ ହେବ ଏବଂ ବାର୍ଷିକ ହିସାବରେ ଏକ କ୍ରମସଂଖ୍ୟା ଦ୍ୱାରା ସୂଚୀତ ହେବ ।

୭. **ଅପିଲ୍** ଦାୟର୍ କଲାବେଳେ ଅପିଲ୍ ପ୍ରତିବେଦନର ଦୁଇକିତା ଓ ରାୟର ଦୁଇକିତା ନକଲ ଦାଖଲ ହେବ ।

୮. ଏହି ଆଇନ୍ ଅଧୀନରେ କରାଯାଉଥିବା ଅପିଲ୍‌ରେ କୌଣସି 'ପେପର ବୁକ୍' (ସାକ୍ଷ୍ୟ-ପ୍ରମାଣର ମୁଦ୍ରିତ ସଂକଳନ) ପ୍ରସ୍ତୁତ କରା ଯିବନି ।

୯. ନୋଟିସ୍ ଓ ଅନ୍ୟାନ୍ୟ ବିଷୟମାନ ଓଡ଼ିଶା ହାଇକୋର୍ଟ ନିୟମାବଳୀ ବଳରେ ପରିଚାଳିତ ହେବ ।

୧୦. ପାରିବାରିକ ଅଦାଲତ ଏକ କାର୍ଯ୍ୟବିଧିର ପ୍ରାରମ୍ଭ ସମ୍ବନ୍ଧରେ ସୂଚୀତ ହେବା ପରେ ସମସ୍ତ ନଥିପତ୍ରକୁ ଯଥାବିଧି ସଜାଇ ଏବଂ ପୃଷ୍ଠାଙ୍କିତ କରି ସୂଚୀପତ୍ର ସହ ହାଇକୋର୍ଟଙ୍କ ନିକଟକୁ ପଠାଇବେ ।

## ଅଧ୍ୟାୟ-୩ : ବିବିଧ

୧୧. ଯେଉଁସବୁ ବ୍ୟାପାରରେ କୌଣସି ନିର୍ଦ୍ଦିଷ୍ଟ ପ୍ରାବଧାନ ଧାର୍ଯ୍ୟ କରାଯାଇନି, ସେ ସବୁ ବ୍ୟାପାରଗୁଡ଼ିକ ଦେଓ୍ୱାନି ଓ ଫୌଜ୍‌ଦାରୀ ଅଦାଲତଗୁଡ଼ିକରେ ଅନୁସୃତ ହେଉଥିବା ପଦ୍ଧତି ଦ୍ୱାରା ଯଥାସମ୍ଭବ ପରିଚାଳିତ ହେବ, ଯଦି ତାହା ଏହି ଆଇନ୍ ଓ ଏହାର ଅଧୀନସ୍ଥ ନିୟମାବଳୀ ସହିତ ଅସଙ୍ଗତ ହେଉନଥିବ ।

୧୨. ଯେ ପର୍ଯ୍ୟନ୍ତ ହାଇକୋର୍ଟ ସାଧାରଣ ପତ୍ର ଏବଂ ପରିପତ୍ର ବଳରେ ସଂପୃକ୍ତ ଫର୍ମଗୁଡ଼କୁ ବିହିତ କରିନାହାନ୍ତି, ସେ ପର୍ଯ୍ୟନ୍ତ ହାଇକୋର୍ଟର (ଦେଓ୍ୱାନି ଓ ଫୌଜଦାରୀ) ସାଧାରଣ ନିୟମାବଳୀ ଓ ପରିପତ୍ର ଆଦେଶାବଳୀରେ ବିହିତ ହୋଇଥିବା ମତେ ଫର୍ମ ଏବଂ ରେଜିଷ୍ଟର୍‌ଗୁଡ଼ିକ ଆବଶ୍ୟକୀୟ ସଂଶୋଧନ ସହ ପ୍ରଯୁଜ୍ୟ ରହିବ ।

# ପାରିବାରିକ ଅଦାଲତସମୂହ (ଓଡ଼ିଶା) ନିୟମାବଳୀ, ୧୯୯୦

*(ଓଡିଶା ଗେଜେଟ୍, ଅସାଧାରଣ ସଂଖ୍ୟା ୧୩୩୮ ତା୧୯.୧୦.୧୯୯୦ରେ ଏସ୍.ଆର୍.ଓ. ସଂଖ୍ୟା୯୬୩/୯୦ ତା୧୨.୧୦.୧୯୯୦ ରୂପେ ପ୍ରକାଶିତ)*

**(ଓଡିଶା ଗେଜେଟ୍ ସଂଖ୍ୟା ୭, ତା ୧୨.୨.୯୯ରେ ପ୍ରକାଶିତ ସଂଶୋଧନ ସମେତ)**

**ଏସ.ଆର୍.ଓ. ସଂଖ୍ୟା ୯୬୩/୯୦:** ପାରିବାରିକ ଅଦାଲତସମୂହ ଆଇନ୍, ୧୯୮୪ (୧୯୮୪ର ସଂଖ୍ୟା ୬୬) ଅଧୀନସ୍ଥ ଧାରା ୨୩ ବଳରେ ନ୍ୟସ୍ତ କ୍ଷମତାବଳୀର ପ୍ରୟୋଗାର୍ଥେ ରାଜ୍ୟ ସରକାର ଓଡିଶା ହାଇକୋର୍ଟଙ୍କ ସହ ପରାମର୍ଶ ପୂର୍ବକ ନିମ୍ନୋକ୍ତ ନିୟମାବଳୀକୁ ଏତଦ୍ୱାରା ପ୍ରଣୟନ କରୁଛନ୍ତି, ଯଥା-

୧. **ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ:-**

(୧) ଏହି ନିୟମାବଳୀକୁ ପାରିବାରିକ ଅଦାଲତସମୂହ (ଓଡିଶା) ନିୟମାବଳୀ, ୧୯୯୦ ବୋଲି କୁହାଯାଇପାରେ ।

(୨) ସରକାରୀ ଗେଜେଟ୍‌ରେ ଯେଉଁ ତାରିଖରେ ଏହା ପ୍ରକାଶିତ ହେବ, ସେବେଠାରୁ ଏହା ବଳବତ୍ତର ହେବ ।

୨. **ସଂଜ୍ଞାମାନ:-**

(୧) ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ-

(ଏ) **'ଆଇନ'** କହିଲେ, ପାରିବାରିକ ଅଦାଲତସମୂହ ଆଇନ୍, ୧୯୮୪ ;

(ବି) **'କେନ୍ଦ୍ର'** କହିଲେ ଗୋଟିଏ ପରାମର୍ଶ କେନ୍ଦ୍ର;

(ସି) **'ଅଦାଲତ'** କହିଲେ ଆଇନ୍‌ର ଧାରା ୩ ଅଧୀନରେ ସ୍ଥାପିତ ହୋଇଥିବା ପାରିବାରିକ ଅଦାଲତ ;

(ଡି) **'ମୁଖ୍ୟ ପରାମର୍ଶଦାତା'** କହିଲେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମୁଖ୍ୟ ପରାମର୍ଶଦାତା, ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ସେହିସ୍ଥଳେ ଯଥାବିଧି ଜଣେ ପରାମର୍ଶଦାତା ବା ପରାମର୍ଶଦାତାଗଣ , ଯେଉଁ ସ୍ଥଳେ ମୁଖ୍ୟ ପରାମର୍ଶଦାତା ନିଯୁକ୍ତ ହୋଇନାହାନ୍ତି ;

(ଇ) **'ବିହିତ'** କହିଲେ ପାରିବାରିକ ଅଦାଲତସମୂହ ଆଇନ୍, ୧୯୮୪ (୧୯୮୪ର ଆଇନ୍ ସଂଖ୍ୟା ୬୬) ଅଧୀନରେ ପ୍ରଣୀତ ହୋଇଥିବା ନିୟମାବଳୀ ଦ୍ୱାରା ବିହିତ ହୋଇଥିବା;

**(ଏଫ୍) 'ରାଜ୍ୟ ସରକାର'** କହିଲେ ଓଡିଶା ସରକାର ;

**(ଜି) 'ହାଇକୋର୍ଟ'** କହିଲେ ଓଡିଶା ହାଇକୋର୍ଟ ;

**(ଏଚ୍) 'ସର୍ଭିସ୍'** କହିଲେ ସିଲେକ୍ସନ୍ ଗ୍ରେଡ୍ ଓଡିଶା ସୁପରିଅର୍ ଜୁଡିସିଆଲ୍ ସର୍ଭିସ୍ ;

**(ଆଇ)** ଏହି ନିୟମାବଳୀରେ ବ୍ୟବହୃତ ହୋଇଥିବା ଅଥଚ ସଂଜ୍ଞାୟିତ ହୋଇନଥିବା ଅନ୍ୟ ସବୁ ଶବ୍ଦାବଳୀ ଏବଂ ଉକ୍ତିସମୂହ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହା କି ଆଇନ୍‌ରେ ନ୍ୟସ୍ତ କରାଯାଇଛି ।

**୩. ପାରିବାରିକ ଅଦାଲତଗୁଡିକର ବିଚାରପତିମାନଙ୍କ ଚାକିରୀର କାର୍ଯ୍ୟକାଳ ଓ ସର୍ତ୍ତାବଳୀ :-**

(ଏ) ପାରିବାରିକ ଅଦାଲତର ଜଣେ ବିଚାରପତି ପଦଗ୍ରହଣ ତାରିଖ ଠାରୁ ପାଞ୍ଚ ବର୍ଷ ଅଥବା ସର୍ବାଧିକ ବୟସ ସୀମା ଭିତରୁ ଯେଉଁଟା ପ୍ରଥମେ ପୁରିବ, ସେ ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇବେ ।

(ବି) ପାରିବାରିକ ଅଦାଲତର ଜଣେ ବିଚାରପତି ସେହି ଦରମା, ଭତ୍ତା ଏବଂ ଛୁଟିସୁବିଧା ପାଇବାକୁ ଯୋଗ୍ୟ, ଯାହାକି ଓଡ଼ିଶା ସୁପରିୟର୍ ଜୁଡିସିଆଲ୍ ସର୍ଭିସ୍ ସିଲେକ୍‌ସନ୍ ଗ୍ରେଡ୍‌ର ଜନୈକ ପଦବୀଧାରୀଙ୍କ ପାଇଁ ପ୍ରାପ୍ୟ ହୋଇଥାଏ ।

(ସି) ପାରିବାରିକ ଅଦାଲତର ଜଣେ ବିଚାରପତିଙ୍କ ଅନ୍ୟାନ୍ୟ ଚାକିରୀ ସର୍ତ୍ତାବଳୀ ସେଇଆ ହେବ, ଯାହାକି ୧୦ ଜଣ ଜିଲ୍ଲା ବିଚାରପତି (ସିନିଅର୍ ଶାଖା)ଙ୍କ କ୍ୟାଡର୍ ଥିବା ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ।

**୪. ପାରିବାରିକ ଅଦାଲତର ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା ଓ ପ୍ରକାରଭେଦ:-**

(ଏ) ପାରିବାରିକ ଅଦାଲତର ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା ଓ ପ୍ରକାରଭେଦ ଏହି ନିୟମାବଳୀ ସହ ସଂଲଗ୍ନ ହୋଇଥିବା ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଛି ।

(ବି) କର୍ମଚାରୀମାନଙ୍କ ଚାକିରୀ ସର୍ତ୍ତାବଳୀ ତାହାହିଁ ହେବ, ଯାହାକି "ଓଡ଼ିଶା ଡିଷ୍ଟ୍ରିକ୍ଟ ଆଣ୍ଡ ସବ୍-ଅର୍ଡିନେଟ୍ କୋର୍ଟସ୍ ମିନିଷ୍ଟେରିଅଲ୍ ସର୍ଭିସ୍ (ମେଥଡ୍ ଅଫ୍ ରିକ୍ରୁଟ୍‌ମେଣ୍ଟ ଆଣ୍ଡ୍ କଣ୍ଡିସନସ୍ ଅଫ୍ ସର୍ଭିସ୍) ରୁଲସ୍, ୧୯୬୯ ଅଧୀନରେ କାର୍ଯ୍ୟ କରୁଥିବା ସମାଙ୍କନ୍ଧ ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ।

**୫. ପରାମର୍ଶଦାତାମାନଙ୍କ ନିଯୁକ୍ତି :-**

ପରିବାର ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ବୃତ୍ତିଗତ ପାରଦର୍ଶିତା ହାସଲ କରିଥିବା ଏକ ବା ଏକାଧିକ ବ୍ୟକ୍ତି, ଯେ କି ବିଶେଷତଃ ସମାଜ-ବିଜ୍ଞାନ ବା ସାମାଜିକ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ଥିବା କୌଣସି ଏକ ସ୍ୱୀକୃତି-ପ୍ରାପ୍ତ ସଂସ୍ଥା ସହ କାର୍ଯ୍ୟ କରୁଥିବେ, ସେମାନଙ୍କ ସହ ପରାମର୍ଶ କରି ହାଇକୋର୍ଟ ମୁଖ୍ୟ ପରାମର୍ଶଦାତା ଓ ଅନ୍ୟାନ୍ୟ ପରାମର୍ଶଦାତାମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ।

**୬. ପରାମର୍ଶଦାତାଙ୍କ ଯୋଗ୍ୟତା:-**

ସମାଜ-ବିଜ୍ଞାନ (ଆହୁରି ଭଲ, ଯଦି ସମାଜ-ଶାସ୍ତ୍ର ବା ମନସ୍ତତ୍ତ୍ୱ ହୋଇଥାଏ)ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ସହିତ ପରିବାର-ପରାମର୍ଶ କ୍ଷେତ୍ରରେ ଅନ୍ୟୁନ ତିନିବର୍ଷର ଅଭିଜ୍ଞତା ଥିଲେ ଜଣେ ବ୍ୟକ୍ତି ପରାମର୍ଶଦାତା ଭାବେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ:

ପରନ୍ତୁ, ଯେଉଁ ସ୍ଥଳେ ଏପରି ବ୍ୟକ୍ତି ମିଳିବେ ନାହିଁ, ସେପରି ସ୍ଥଳେ ଏଭଳି ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ଯୋଗ୍ୟ ବୋଲି ଧରାଯିବ, ଯେ କି ବୟସରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ଏବଂ ସମାଜ ସେବା ଓ କଲ୍ୟାଣମୂଳକ କାର୍ଯ୍ୟରେ ନିୟୋଜିତ ଥିବେ ତଥା ସମାଜ-ବିଜ୍ଞାନ (ଆହୁରି ଭଲ, ଯଦି ସମାଜ-ଶାସ୍ତ୍ର ବା ମନସ୍ତତ୍ତ୍ୱ ହୋଇଥାଏ)ରେ ସ୍ନାତକ ଡିଗ୍ରୀ ଧାରଣ କରିଥିବା ସହିତ ପରିବାର ଓ ଶିଶୁ କଲ୍ୟାଣର ଅଗ୍ରଗତି କ୍ଷେତ୍ରରେ କର୍ମରତ ଥିବେ ।

**୭. ପରାମର୍ଶଦାତାଙ୍କ ଦ୍ୱାରା ପରାମର୍ଶ ପାଇଁ ସମୟ ଓ ତାରିଖ ଧାର୍ଯ୍ୟ କରାଯିବା: -**
ପକ୍ଷମାନଙ୍କୁ ପରାମର୍ଶ ଦେବାପାଇଁ ନିଯୁକ୍ତ ହୋଇଥିବା ପରାମର୍ଶଦାତା ସାକ୍ଷାତ ଆଲୋଚନା ପାଇଁ ସମୟ, ସ୍ଥାନ ଓ ତାରିଖ ଧାର୍ଯ୍ୟ କରିବେ ଓ ଏ ବିଷୟରେ ଅବଗତ ହୋଇଥିବା ପକ୍ଷମାନେ ତଦନୁଯାୟୀ ହାଜର ହେବାକୁ ବାଧ ।

୮. ପରାମର୍ଶଦାତାଙ୍କ କାର୍ଯ୍ୟାବଳୀ: -

ପରାମର୍ଶଦାତାଙ୍କ ଉପରେ କୌଣସି ଆବେଦନ ନ୍ୟସ୍ତ ହେବା ପରେ, ସେ ପକ୍ଷମାନଙ୍କୁ ନିଜ ଭିତରେ ରହିଥିବା ବିବାଦୀୟ ପ୍ରସଙ୍ଗ ବା ତହିଁର କୌଣସି ଅଂଶବିଶେଷକୁ ତୁଟାଇବା ଦେବାପାଇଁ ସହାୟତା ତଥା ପରାମର୍ଶ ପ୍ରଦାନ କରିବେ । ପରାମର୍ଶଦାତା ପକ୍ଷମାନଙ୍କ ଭିତରେ ଆପୋଷ-ମୀମାଂସା ଆଣିବାରେ ମଧ୍ୟ ସହାୟକ ହେବେ ।

**୯. ଗୃହ ପରିଦର୍ଶନ :-**

ପରାମର୍ଶଦାତା ନିଜ କର୍ତ୍ତବ୍ୟ ସମ୍ପାଦନ ପ୍ରକ୍ରିୟାରେ ଯେ କୌଣସି ପକ୍ଷଙ୍କ ଘରକୁ ଆସି ପରିଦର୍ଶନ କରିବା ସକାଶେ ହକ୍‌ଦାର ଅଟନ୍ତି ।

**୧୦. ସାକ୍ଷାତକାର:-**

ପରାମର୍ଶଦାତ ନିଜ କର୍ତ୍ତବ୍ୟ ସମ୍ପାଦନ ପ୍ରକ୍ରିୟାରେ ପକ୍ଷମାନଙ୍କ ବା କୌଣସି ଏକ ପକ୍ଷଙ୍କ ସଂପର୍କୀୟ, ବନ୍ଧୁ ବା ଜଣାଶୁଣା ବ୍ୟକ୍ତିଙ୍କୁ ସାକ୍ଷାତ୍ କରିପାରିବା ପାଇଁ ହକ୍‌ଦାର ଅଟନ୍ତି ।

**୧୧. ନିଯୁକ୍ତିଦାତାଙ୍କ ଠାରୁ ସୂଚନା ସଂଗ୍ରହ:-**

ପରାମର୍ଶଦାତା ନିଜ କର୍ତ୍ତବ୍ୟ ସମ୍ପାଦନ ପ୍ରକ୍ରିୟାରେ କୌଣସି ପକ୍ଷଙ୍କ ନିଯୁକ୍ତିଦାତାଙ୍କ ଠାରୁ ସେ ଚାହିଁବା ମତେ ସୂଚନା ଅନ୍ୱେଷଣ କରିପାରନ୍ତି ।

**୧୨. ବିଶେଷଜ୍ଞମାନଙ୍କର ସହାୟତା ଲୋଡ଼ିବା:-**

ପରାମର୍ଶଦାତା ଯଥାର୍ଥ ମନେକଲେ ଚିକିତ୍ସା ବା ମାନସିକ ରୋଗର ବିଶେଷଜ୍ଞମାନଙ୍କ ନିକଟକୁ ସଂପୃକ୍ତ ପକ୍ଷମାନଙ୍କୁ ପଠାଇ ପାରନ୍ତି ।

**୧୩. ବିଶେଷଜ୍ଞଗଣଙ୍କ ତାଲିକା:-**

ପାରିବାରିକ ଅଦାଲତର ବିଚାରପତି ମୁଖ୍ୟ ପରାମର୍ଶଦାତାଙ୍କ ସହ ପରାମର୍ଶ କରି ଡାକ୍ତର ଓ ଅନ୍ୟ ବିଶେଷଜ୍ଞମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ ଏବଂ ସେମାନଙ୍କୁ ସେହି ହାରରେ ଫିସ୍ ଏବଂ ଅନ୍ୟାନ୍ୟ ଖର୍ଚ୍ଚ (ଯାତାୟତ ଖର୍ଚ୍ଚ ସମେତ) ପ୍ରଦାନ କରାଯିବ, ଯାହାକି ସମୟାନ୍ତରରେ ଏଥି ନିମନ୍ତେ ସରକାରଙ୍କ ଆଦେଶ ବଳରେ ନିର୍ଦ୍ଧାରିତ ହୋଇଥିବ ।

**୧୪. ସୂଚନାର ଗୋପନୀୟତା :-**

(ଏ) ପରାମର୍ଶଦାତାଙ୍କ ଦ୍ୱାରା ଯେଉଁ ସୂଚନା ସଂଗୃହୀତ ହୋଇଥିବ, ତାଙ୍କ ନିକଟରେ ଯେଉଁ ବୟାନ ଦିଆଯାଇଥିବ ତଥା ସେ ଯେଉଁ ଟିପ୍‌ପଣୀ ବା ବିବରଣୀ ପ୍ରସ୍ତୁତ କରିଥିବେ, ସେଗୁଡ଼ିକ ଗୋପନୀୟ ବୋଲି ବିବେଚିତ ହେବ ଓ ଉଭୟ ପକ୍ଷଙ୍କ ସମ୍ମତି ବିନା ସେ ସବୁକୁ କୌଣସି ଅଦାଲତ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଆଗରେ ପ୍ରକାଶ କରାଯିବନି ।

(ବି) ପରାମର୍ଶଦାତାଙ୍କ ନିକଟରେ ଥିବା ଏତାଦୃଶ ଟିପ୍‌ପଣୀ, ବୟାନ, ସୂଚନା, ବିବରଣୀ ବା ସାମଗ୍ରୀକୁ ସେ ଏକ ଜଉମୁଦ ମୋହର ଲଗା ଥଳୀ ଭିତରେ ସାଇତି ରଖିବେ ଏବଂ ତାହା ଅଦାଲତ ସାମନାରେ ସାକ୍ଷ୍ୟ-ପ୍ରମାଣର ଅଂଶବିଶେଷ ରୂପେ ଗୃହୀତ ହେବନାହିଁ ।

**୧୫. ପରାମର୍ଶଦାତା ସାକ୍ଷ୍ୟ ଦେବେ ନାହିଁ: -**

କୌଣସି ଅଦାଲତରେ ଏହିସବୁ ସୂଚନା, ବୟାନ୍, ଟିପ୍‌ପଣୀ ବା ବିବରଣୀ ବିଷୟରେ ସାକ୍ଷ୍ୟ ଦେବା ପାଇଁ ପରାମର୍ଶଦାତାଙ୍କୁ କୁହାଯିବିନି;

ପରନ୍ତୁ, ବୈବାହିକ ସମ୍ପର୍କରୁ ଜନ୍ମିତ ଶିଶୁ ବା ଶିଶୁମାନଙ୍କର ହେପାଜତ ବା ଅଭିଭାବକତ୍ୱ ପ୍ରସଙ୍ଗ ଉପରେ ଏକ ନିର୍ଣ୍ଣୟରେ ପହଞ୍ଚିବା ପାଇଁ ଅଦାଲତଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ

ପରାମର୍ଶଦାତା ଅଦାଲତଙ୍କ ନିକଟରେ ସଂପୃକ୍ତ ପକ୍ଷମାନଙ୍କ ଗୃହ ପରିବେଶ, ସେମାନଙ୍କର ବ୍ୟକ୍ତିତ୍ୱ ଏବଂ ପିଲା ବା ପିଲାମାନଙ୍କ ସଙ୍ଗେ ସେମାନଙ୍କର ସମ୍ପର୍କ ସମ୍ବନ୍ଧରେ ଏକ ବିବରଣୀ ଦାଖଲ କରିପାରନ୍ତି;

ପୁଣି ପରନ୍ତୁ, ଗୋଟିଏ ପକ୍ଷଙ୍କୁ ମଞ୍ଜୁର ହେବାକୁ ଥିବା ଭରଣପୋଷଣ ବା ଭତ୍ତାର ପରିମାଣ ନିର୍ଦ୍ଧାରଣ କରିବା ବ୍ୟାପାରରେ ଅଦାଲତଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପରାମର୍ଶଦାତା ସଂପୃକ୍ତ ପକ୍ଷ ବା ପକ୍ଷମାନଙ୍କର ଗୃହ ପରିବେଶ, ଆୟ ବା ଜୀବନଯାପନ ଶୈଳୀ ବିଷୟରେ ଏକ ବିବରଣୀ ଅଦାଲତଙ୍କ ନିକଟରେ ଦାଖଲ କରିପାରନ୍ତି ।

**୧୬. ପରାମର୍ଶଦାତାଙ୍କ ଠାରୁ ବିବରଣୀ ସଂଗ୍ରହ :-**

ଅଦାଲତ ମଧ ପରାମର୍ଶଦାତାଙ୍କୁ ଅନ୍ୟାନ୍ୟ କୌଣସି ବିଷୟରେ ଏକ ବିବରଣୀ ଦେବା ପାଇଁ ଅନୁରୋଧ କରିପାରନ୍ତି, ଯାହାକି ଅଦାଲତଙ୍କ ସାମନାରେ ଉପସ୍ଥାପିତ ହୋଇଥିବା ବିବାଦର ସମ୍ପୂର୍ଣ୍ଣ ବା ଆଂଶିକ ଫଏସଲାରେ ସହାୟକ ହୋଇପାରିବ ।

**୧୭. ନକଲ ଯୋଗାଣ :-**

ନିୟମ ୧୫ ଓ ୧୬ ଅଧୀନରେ ଦାଖଲ ହୋଇଥିବା ବିବରଣୀର ନକଲକୁ ପକ୍ଷମାନଙ୍କ ଅନୁରୋଧ କ୍ରମେ ସେମାନଙ୍କୁ ଦିଆ ଯାଇପାରେ ।

**୧୮. ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ ପକ୍ଷମାନଙ୍କ ଅଧିକାର:-**

ବିବରଣୀ ଉପରେ ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ ପକ୍ଷମାନେ ହକ୍‌ଦାର ରହିବେ ।

**୧୯. ପରାମର୍ଶଦାତାଙ୍କୁ ଜେରା କରାଯିବ ନାହିଁ: -**

ନିଜେ ଦାଖଲ କରିଥିବା ବିବରଣୀ ଉପରେ କୌଣସି ଅଦାଲତରେ ସାକ୍ଷ୍ୟ ଦେବା ପାଇଁ ପରାମର୍ଶଦାତାଙ୍କୁ ଡକା ଯିବନି କିମ୍ବା ତାଙ୍କୁ ଜେରା କରାଯାଇ ପାରିବନି ।

**୨୦. ସ୍ମାରକ-ଲିପିର ଦାଖଲ :-**

ଏହି ନିୟମାବଳୀରେ ସ୍ଥିତ ହୋଇଥିବା ବ୍ୟବସ୍ଥା ବ୍ୟତିରେକ ପରାମର୍ଶଦାତା ତାଙ୍କ ସାମନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟବିଧିର ଫଳାଫଳ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ସ୍ମାରକଲିପି ଅଦାଲତଙ୍କ ଅବଗତି ନିମନ୍ତେ ଦାଖଲ କରିବେ ।

**୨୧. ପରାମର୍ଶଦାତାଙ୍କ ସାମନାରେ ମୀମାଂସା :-**

ଯେତେବେଳେ ପକ୍ଷମାନେ ପରାମର୍ଶଦାତାଙ୍କ ସମ୍ମୁଖରେ ସେମାନଙ୍କ ବିବାଦର ଏକ ସଂପୂର୍ଣ୍ଣ ବା ଆଂଶିକ ମୀମାଂସାରେ ଉପନୀତ ହୁଅନ୍ତି, ସେତେବେଳେ ସେହି ମୀମାଂସାକୁ ଲିପିବଦ୍ଧ କରାଯିବ ଏବଂ ପକ୍ଷମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ପରାମର୍ଶଦାତାଙ୍କ ଦ୍ୱାରା ସହ-ସ୍ୱାକ୍ଷରିତ ହେବ । ଏପରି

ମୀମାଂସାର ସର୍ତ୍ତାବଳୀ ଅଯୌକ୍ତିକ ବା ଆଇନ୍-ବିରୁଦ୍ଧ ବା ସର୍ବସାଧାରଣ ନୀତିର ବିପରୀତ ବୋଲି ଯଦି ଅଦାଲତ ମନେ ନ କରନ୍ତି, ତେବେ ଅଦଲାତ ତଦନୁସାରେ ଏକ ଫଇସଲା ଶୁଣାଇବେ ।

**୨୨. ଶିଶୁମାନଙ୍କ ହେପାଜତ୍‌କୁ ପରିବେକ୍ଷଣ କରିବା ପାଇଁ ପରାମର୍ଶଦାତାଙ୍କ କ୍ଷମତା:-**

**କୌଣସି ଏକ** ପକ୍ଷଙ୍କ ହେପାଜତ୍‌ରେ ଶିଶୁମାନଙ୍କୁ ଅର୍ପଣ କରିବା ବିଷୟକୁ ପରିବେକ୍ଷଣ କରିବା ପାଇଁ ପରାମର୍ଶଦାତାଙ୍କର ଅଧିକାର ରହିଛି ଏବଂ ଯେଉଁ ଗୃହରେ ସଂପୃକ୍ତ ଶିଶୁଟି ବାସ କରୁଛି, ତାକୁ ଅଚାନକ ପରିଦର୍ଶନ କରିବାର ଅଧିକାର ମଧ୍ୟ ତାଙ୍କର ରହିଛ । ଯଦି ସେ ଶିଶୁ ବା ଶିଶୁମାନଙ୍କ ହେପାଜତ୍ ସଂପର୍କୀତ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ ବୋଲି ଏକ ସିଦ୍ଧାନ୍ତରେ ପହଞ୍ଚନ୍ତି, ତେବେ ସେ ଏହି ବିଷୟରେ ଅଦାଲତଙ୍କୁ ଏକ ବିବରଣୀ ପ୍ରଦାନ କରିବେ । ତତ୍‌ପରେ ଅଦାଲତ ପକ୍ଷମାନଙ୍କୁ ହାଜର ହେବାପାଇଁ ନୋଟିସ୍ ପଠାଇ ତଥା ପକ୍ଷମାନଙ୍କୁ ଶୁଣାଣି କରି ଉକ୍ତ ବିଷୟରେ ନିଜେ ଯଥୋଚିତ ମନେ କରୁଥିବା ଏକ ଆଦେଶ ଜାରି କରିପାରନ୍ତି ।

**୨୩. ମିଳାମିଶାକୁ ପରିବେକ୍ଷଣ କରିବା ପାଇଁ ପରାମର୍ଶଦାତାଙ୍କର କ୍ଷମତା:-**

ଅଦାଲତରେ ଏକ ମାମଲା ଆଉ ବିଚାରାଧୀନ ନ ଥିଲେ ହେଁ, କୌଣସି ଏକ ପକ୍ଷଙ୍କ ଅନୁରୋଧ କ୍ରମେ ପରାମର୍ଶଦାତା ପୁନର୍ମିଳିତ ଦମ୍ପତ୍ତିଙ୍କୁ ପରିବେକ୍ଷଣ କରିପାରିବେ ତଥା ଦିଗ୍‌ଦର୍ଶନ ଓ ସହାୟତା ପ୍ରଦାନ କରି ପାରିବେ ।

**୨୪. ମିଳାମିଶା କାର୍ଯ୍ୟବିଧି ଚାଲୁଥିବା ଅବସ୍ଥାରେ ସହବାସ :-**

ଅଦାଲତ ବା ପରାମର୍ଶଦାତାଙ୍କ ସମ୍ମୁଖରେ ମିଳାମିଶା କାର୍ଯ୍ୟବିଧି ଚାଲୁ ରହିଥିବା ଅବସ୍ଥାରେ ଯଦି ପକ୍ଷମାନେ ସହବାସ କରନ୍ତି, ତେବେ ଏହି ଘଟଣାକୁ ବୈବାହିକ ସଂପର୍କ ଜନିତ ଅପରାଧର ମାଫି ବୋଲି ଧରା ଯିବନାହିଁ ।

**୨୫. ପରାମର୍ଶରେ ଯୋଗଦାନ କରିବାରେ ବିଫଳ ହେବା :-**

ପରାମର୍ଶ ପାଇଁ ଧାର୍ଯ୍ୟ ତାରିଖ ଓ ସମୟରେ ଯଦି କୌଣସି ପକ୍ଷ ହାଜର ହେବାରେ ବିଫଳ ହୁଅନ୍ତି, ତେବେ ପରାମର୍ଶଦାତା ଅନ୍ୟ ଏକ ତାରିଖ ଓ ସମୟ ଧାର୍ଯ୍ୟ କରି ପାରନ୍ତି ତଥା ଅନୁପସ୍ଥିତ ପକ୍ଷଙ୍କୁ ତଦନୁଯାୟୀ ରେଜିଷ୍ଟର୍ଡ ଡାକ ଯୋଗେ ସୁନିଶ୍ଚିତ କରାଇ ପାରନ୍ତି । ଏପରି ମୁଲତବୀ ତାରିଖରେ ଯଦି ଉକ୍ତ ପକ୍ଷ ପରାମର୍ଶ କେନ୍ଦ୍ରରେ ହାଜର ନ ହୁଅନ୍ତି, ତେବେ କୌଣସି ଗୋଟିଏ ପକ୍ଷ ବା ଉଭୟ ପକ୍ଷ ପରାମର୍ଶ କେନ୍ଦ୍ରରେ ହାଜର ହେବାରେ ବିଫଳ ହୋଇଛନ୍ତି ବୋଲି ଉଲ୍ଲେଖ କରି ପରାମର୍ଶଦାତା ଏକ ବିବରଣୀ ଅଦାଲତଙ୍କ ନିକଟରେ ଦାଖଲ କରିବେ । ଏହି ବିବରଣୀ ମିଳିଲା ପରେ ଅଦାଲତ ତାଙ୍କ ଉପରେ ନ୍ୟସ୍ତ ଅନ୍ୟାନ୍ୟ କ୍ଷମତାକୁ

କ୍ଷୁର୍ଣ୍ଣ ନକରି ଦୋଷୀ ପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମାମଲାର କାର୍ଯ୍ୟବିଧିକୁ ଆଗେଇ ନେବେ ।

**୨୬. ପରାମର୍ଶ କେନ୍ଦ୍ର :-**

(ଏ) ପ୍ରତ୍ୟେକ ପାରିବାରିକ ଅଦାଲତ ସହ ଏକ କେନ୍ଦ୍ର ସଂଲଗ୍ନ ରହିବ, ଯାହା କି ପାରିବାରିକ ଅଦାଲତର ପରାମର୍ଶ କେନ୍ଦ୍ର ନାମରେ ପରିଚିତ ହେବ ।

(ବି) ଏପରି ପ୍ରତ୍ୟେକ କେନ୍ଦ୍ରରେ ଜଣେ ମୁଖ୍ୟ ପରାମର୍ଶଦାତା ଓ ହାଇକୋର୍ଟଙ୍କ ନିର୍ଦ୍ଧାରଣ ମତେ ଯଥାସଂଖ୍ୟକ ପରାମର୍ଶଦାତା ରହିବେ ।

(ସି) ପରାମର୍ଶ କେନ୍ଦ୍ରମାନ ଭିନ୍ନ ଭିନ୍ନ ଶାଖାରେ ବିଭକ୍ତ ହୋଇପାରେ ଏବଂ ଅଦାଲତର ହତା ମଧ୍ୟରେ ଅବସ୍ଥିତ ହୋଇପାରେ ଅଥବା ଏଭଳି ଅନ୍ୟ ଏକ ସ୍ଥାନ ବା ସ୍ଥାନ ମାନଙ୍କରେ ଅବସ୍ଥିତ ହାଇପାରେ, ଯାହା କି ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବ, ମାତ୍ର ଏପରି ସ୍ଥାନ ପାରିବାରିକ ଅଦାଲତଠାରୁ ଅତି ଦୂରବର୍ତ୍ତୀ ହୋଇ ନଥିବ ।

**୨୭. ଆଇନ୍‌ଗତ ପରାମର୍ଶ ପାଇବା ପାଇଁ ପକ୍ଷଙ୍କ ଅଧିକାର:-**

ଅଦାଲତ ବା ପରାମର୍ଶଦାତାଙ୍କ ସମ୍ମୁଖରେ ଚାଲୁଥିବା କାର୍ଯ୍ୟବିଧିର ଯେ କୌଣସି ପର୍ଯ୍ୟାୟରେ ଗୋଟିଏ ପକ୍ଷ ଆଇନ୍‌ଗତ ପରାମର୍ଶ ନେବା ପାଇଁ ହକ୍‌ଦାର ଅଟନ୍ତି । ଅଭାବଗ୍ରସ୍ତ ସ୍ଥିତିରେ ପଡିଥିବା ଗୋଟିଏ ପକ୍ଷ ମାଗଣା ଆଇନ୍‌ଗତ ସହାୟତା ଓ ପରାମର୍ଶ  ପାଇବା ପାଇଁ ହକ୍‌ଦାର ଅଟନ୍ତି ।

**୨୮. ମାଗଣା ଆଇନ୍‌ଗତ ପରାମର୍ଶ ଉଦ୍ଦେଶ୍ୟରେ ଓକିଲଙ୍କ ତାଲିକା :-**

ମାଗଣା ଆଇନ୍‌ଗତ ସାହାଯ୍ୟ ଓ ପରାମର୍ଶ ଦେବାକୁ ଇଚ୍ଛୁକ ଥିବା ଓକିଲମାନଙ୍କର ଏକ ତାଲିକା ଅଦାଲତ ଅନୁରକ୍ଷଣ କରିବେ । ମାଗଣାରେ ଆଇନ୍‌ଗତ ସାହାଯ୍ୟ ଓ ପରାମର୍ଶ ପାଇବାକୁ ହକ୍‌ଦାର ଥିବା ଗୋଟିଏ ପକ୍ଷ ସେହି ତାଲିକା ମଧ୍ୟରୁ ଜଣେ ଓକିଲଙ୍କୁ ବାଛିବା ପାଇଁ ହକ୍‌ଦାର ରହିବେ, ପରନ୍ତୁ ସେହି ଓଳିଲ ଉପଲବ୍ଧ ହେଉଥିବେ ତଥା ମାମଲାଟିକୁ ଲଢ଼ିବା ପାଇଁ ତାଙ୍କର ଇଚ୍ଛା ଥିବ ।

**୨୯. ନିୟୋଜନର ସର୍ତ୍ତାବଳୀ :-**

ଏପରି ଏକ ଓଳିଲଙ୍କୁ ନିୟୋଜନ କରିବା ତଥା ଯଦି ଆବଶ୍ୟକ ପଡେ, ପାରିଶ୍ରମିକ ପ୍ରଦାନ କରିବାର ବିଧି ଓ ସର୍ତ୍ତାବଳୀ ତାହାହିଁ ହେବ, ଯାହା କି ଓଡ଼ିଶା ରାଜ୍ୟ ଆଇନ୍ ସହାୟତା ଏବଂ ପରାମର୍ଶ ସ୍କିମ୍, ୧୯୮୧ ବା ତହିଁର ପରବର୍ତ୍ତୀ ସଂଶୋଧନରେ ସ୍ଥାନିତ ହୋଇଛି ।

**୩୦. କେଉଁ ପରିସ୍ଥିତିରେ ଗୋଟିଏ ପକ୍ଷ ଆଇନ୍ ସହାୟତା ପାଇବାକୁ ହକ୍‌ଦାର ହେବେ:-**

**ଗୋଟିଏ** ପକ୍ଷକୁ କେଉ ପରିସ୍ଥିତିରେ ଏଭଳି ଆଇନ୍ ସହାୟତା ଯୋଗାଇ ଦିଆଯିବ, ତାହା ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ହେବ ।

**୩୧. ଅନୁଷ୍ଠାନ ଓ ସଂସ୍ଥା ଇତ୍ୟାଦିଙ୍କ ତାଲିକା:-**

ମୁଖ୍ୟ ବିଚାରପତି ମୁଖ୍ୟ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରି ପରିବାର କଲ୍ୟାଣ, ଶିଶୁ ତତ୍ତ୍ୱାବଧାନ, ନିଯୁକ୍ତି କିମ୍ବା ସେ ଉଚିତ୍ ମନେ କରୁଥିବା ଅନ୍ୟ କୌଣସି କ୍ଷେତ୍ରରେ କାର୍ଯ୍ୟରତ ଥିବା ଅନୁଷ୍ଠାନ, ସଂଗଠନ ବା ସଂସ୍ଥାମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ, ଯଦ୍ୱାରା ପରାମର୍ଶଦାତା କିମ୍ବା ପକ୍ଷଗଣ ସେହି ଅନୁଷ୍ଠାନ, ସଂଗଠନ ବା ସଂସ୍ଥାଙ୍କ ଠାରୁ ସାହାଯ୍ୟ ପାଇ ପାରିବାକୁ ସକ୍ଷମ ହୋଇପାରିବେ ତଥା ସେ ମଧ୍ୟ ଏତାଦୃଶ ଅନୁଷ୍ଠାନ, ସଂଗଠନ ବା ସଂସ୍ଥା କିପରି ଗୋଟିଏ ପାରିବାରିକ ଅଦାଲତ ସହ ଜଡିତ ହୋଇପାରିବେ, ତହିଁର ପଦ୍ଧତି ଓ ସର୍ତ୍ତାବଳୀ ନିର୍ଦ୍ଧାରଣ କରିପାରନ୍ତି ।

**୩୨. ଅନ୍ୟ ସଂଗଠନର ସହାୟତା:-**

ପରାମର୍ଶଦାତା ନିଜର କର୍ତ୍ତବ୍ୟ ସମ୍ପାଦନ ପ୍ରକ୍ରିୟାରେ ଏପରି ଏକ ସଂଗଠନ, ଅନୁଷ୍ଠାନ ବା ସଂସ୍ଥାଙ୍କ ସାହାଯ୍ୟ ନେଇ ପାରନ୍ତି ।

**୩୩. ପରାମର୍ଶଦାତାଙ୍କ ପ୍ରାପ୍ୟ :-**

ଏପରି ଜଣେ ପରାମର୍ଶଦାତା ପ୍ରତିଦିନର ପ୍ରକୃତ କାର୍ଯ୍ୟ ବିନିମୟରେ ସହାୟତା ଫିସ୍ ବାବଦକୁ ଦୁଇଶତ ଟଙ୍କା ପାଇବେ ।

**୩୪. ଚିକିତ୍ସା ବିଶେଷଜ୍ଞମାନଙ୍କ ପ୍ରାପ୍ୟ ଓ ଖର୍ଚ୍ଚାଦି :-**

ଏହି ନିୟମାବଳୀରେ ସୂଚୀତ ହୋଇଥିବା ଚିକିତ୍ସା ବିଶେଷଜ୍ଞ ବା ଅନ୍ୟ ବିଶେଷଜ୍ଞଗଣ, ଯେଉଁମାନଙ୍କର ସେବାକୁ ପାରିବାରିକ ଅଦାଲତର ସହାୟତା ପାଇଁ ଗ୍ରହଣ କରା ଯାଇଥିବ, ସେମାନଙ୍କୁ ସେହି ହାରରେ ପ୍ରଚଳିତ ଓ ଦୈନିକ ଭତ୍ତା ପଇଠ କରାଯିବ, ଯାହା କି ଫୌଜଦାରୀ ଅଦାଲତଗୁଡିକରେ ସାକ୍ଷ୍ୟ ଦେବା ପାଇଁ ହାଜର ହେଉଥିବା ସରକାରୀ ଏବଂ ବେସରକାରୀ ସାକ୍ଷୀମାନଙ୍କ ପାଇଁ ପ୍ରଯୁଜ୍ୟ ।

**୩୫. କାର୍ଯ୍ୟବିଧିର ପ୍ରାରମ୍ଭ :-**

ପାରିବାରିକ ଅଦାଲତରେ ଦାଖଲ ହେବାକୁ ଥିବା ସମସ୍ତ କାର୍ଯ୍ୟବିଧି ଅର୍ଜି ଆକାରରେ ଦାଖଲ ହେବ, ମାତ୍ର ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର କେନ୍ଦ୍ରୀୟ ଆଇନ୍ ସଂଖ୍ୟା-୨)ର ନବମ ଅଧ୍ୟାୟ ଅଧୀନରେ ଆଗତ ଆବେଦନଗୁଡିକ କ୍ଷେତ୍ରରେ ସେହି ସଂହିତାର ପ୍ରାବ୍ଧାନସମୂହ ପ୍ରଯୁଜ୍ୟ ହେବ ।

**୩୬. ଏକ ଆବେଦନପତ୍ରର ଦାଖଲ :-**

ପ୍ରତ୍ୟେକ ଆବେଦନ ବା ଦରଖାସ୍ତ ସହିତ ତହିଁର ସେତିକି ସଂଖ୍ୟକ ପରିଷ୍କାର ଏବଂ ପ୍ରମାଣୀକୃତ ନକଲ ସଂଲଗ୍ନ ହୋଇଥିବ, ଯେତିକି ଜଣ ପ୍ରତିବାଦୀଙ୍କ ନିକଟକୁ ଏହା ଜାରି କରାଯିବ, ଏବଂ ଅଦାଲତଙ୍କ ବ୍ୟବହାର ପାଇ ତିନି କିତା ଅତିରିକ୍ତ ନକଲ ସଂଲଗ୍ନ ହୋଇଥିବ ତଥା ଆବେଦନ ବା ଦରଖାସ୍ତରେ ସୂଚୀତ ହୋଇଥିବା ଦଲିଲ୍‌ଗୁଡିକ ମଧ୍ୟ ସଂଲଗ୍ନ ହୋଇଥିବ । ଏପରି ଆବେଦନ ବା ଦରଖାସ୍ତର ଏକକିତା ନକଲ ପାରିବାରିକ ଅଦାଲତର ମୁଖ୍ୟ ଲିପିକ ଅଧିକାରୀଙ୍କ ଦ୍ୱାରା ମୁଖ୍ୟ ପରାମର୍ଶଦାତାଙ୍କ ନିକଟକୁ ଅଭିପ୍ରେରଣ କରାଯିବ ।

**୩୭. ଦେଓ୍ୱାନି କାର୍ଯ୍ୟବିଧି ସଂହିତା ଓ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ପ୍ରାବ୍‌ଧାନଗୁଡିକର ପ୍ରଯୁଜ୍ୟତା:-**

ପୂର୍ବ-କଥିତ ବ୍ୟବସ୍ଥା ବ୍ୟତିରେକ ପାରିବାରିକ ଅଦାଲତ ସମ୍ମୁଖରେ ଚାଲୁଥିବା କାର୍ଯ୍ୟବିଧିସମୂହ କ୍ଷେତ୍ରରେ ଯଥାସ୍ଥିତି **ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଓ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ର ପ୍ରାବ୍‌ଧାନଗୁଡିକ ପ୍ରଯୁଜ୍ୟ ରହିବ ।**

**୩୮. ଅଭିଭାବକତ୍ୱ ପାଇଁ ଆବେଦନ:-**

ଅଭିଭାବକତ୍ୱ ପାଇଁ ଯେଉଁସବୁ ଆବେଦନ ଉପରେ ହାଇକୋର୍ଟଙ୍କ କ୍ଷେତ୍ରାଧିକାର ରହିଛି, ସେ ସବୁକୁ ଛାଡି ଅଭିଭାବକତ୍ୱ ପାଇଁ ଅନ୍ୟାନ୍ୟ ସମସ୍ତ ଆବେଦନ ପାରିବାରିକ ଅଦାଲତମାନଙ୍କସମ୍ମୁଖରେ ଦାଖଲ ହେବ ।

**୩୯. ସମାଜ କଲ୍ୟାଣ ସଂସ୍ଥାଗୁଡିକର ସଂପୃକ୍ତି:-**

ଅଭିଭାବକତ୍ୱ ପାଇଁ ଆଗତ ଏକ ଆବେଦନକୁ ବିଚାର କଲାବେଳେ ଉକ୍ତ ଆବେଦନପତ୍ରକୁ ଯାଞ୍ଚ କରିବା ସକାଶେ ଅଦାଲତ ଯେ କୌଣସି ସମାଜ କଲ୍ୟାଣ ସଂସ୍ଥା ବା ସଂସ୍ଥାଗଣଙ୍କର ସାହାଯ୍ୟ ନେଇପାରନ୍ତି । ଅଦାଲତ ମଧ ସୂଚୀତ ବିଷୟରେ ଏକ ବିବରଣୀ ଦେବା ପାଇଁ ସେହି ସଂସ୍ଥାଙ୍କୁ କହିପାରନ୍ତି ଓ ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ହାରରେ ଉକ୍ତ ସଂସ୍ଥାଙ୍କୁ ତାଙ୍କ କାମ ବାବଦରେ ଫିସ୍ ପଇଠ କରିପାରନ୍ତି ।

**ଅନୁସୂଚୀ**

୧- ସିରସ୍ତାଦାର୍

୨- ବରିଷ୍ଠ ଷ୍ଟେନୋଗ୍ରାଫର୍

୩- ବରିଷ୍ଠ କିରାଣୀ

୪- କନିଷ୍ଠ କିରାଣୀ

୫- ଜମାଦାର

୬- ଅଦାଲତ ପିଅନ୍

7- ବୋଲକରା ପିଅନ୍

**[Translated from English into Oriya by Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mobile: 9437577546 on 24.8.07]**